ଗଣଦାବୀ କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ • ମୂଲ୍ୟ-୫ଟଙ୍କା।

VOL NO. - 13, ISSUE NO. -30, DATE : 16.08.2026 - 31.08.2026 FORTNIGHTLY (ODIA), BHUBANESWAR. PAGES-08

ଗଭୀର ଆବେଗ ଓ ମର୍ଯ୍ୟାଦାର ସହ ପାଳିତ ହେଲା ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ୫୦ତମ ସ୍ମରଣ ବାର୍ଷିକୀ





ସର୍ବହରାର ମହାନ ନେତା, ଏ ଯୁଗର ଅନ୍ୟତମ ଅଗ୍ରଗଣ୍ୟ ମାର୍କ୍ସବାଦୀ ଦାର୍ଶନିକ, ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସଂପାଦକ, ଶୋଷଣ ମୁକ୍ତି ଆନ୍ଦୋଳନର ପଥପ୍ରଦର୍ଶକ କମ୍ରେଡ୍ ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ବାର୍ଷିକୀ ପ୍ରତିକୂଳ ପରିବେଶ ମଧ୍ୟରେ ଗତ ଅଗଷ୍ଟ ୬ ତାରିଖ ଦିନ ଭୁବନେଶ୍ୱର ରୟାଲ ରିସୋର୍ଟଠାରେ ଗଭୀର ଆବେଗ ଓ ମର୍ଯ୍ୟାଦାର ସହ ପାଳିତ ହୋଇଛି। ଅବିରାମ ବର୍ଷା ଓ ବନ୍ୟା ପରିସ୍ଥିତି ମଧ୍ୟରେ ବି ମହାନ ନେତାଙ୍କ ଚିନ୍ତା ଶିକ୍ଷା ପ୍ରତି ଆକର୍ଷଣ ଓ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଭଲ ପାଇବା ଯୋଗୁ ସହସ୍ରାଧିକ ଜନଗଣ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ ଆସିଥିଲେ ଏହି ସ୍ମରଣ ସଭାରେ ସମବେତ ହେବା ପାଇଁ। ରୟାଲ ରିସୋର୍ଟର ପରିସର ପାର୍ଟିର ନେତା-କର୍ମୀ-ସମର୍ଥକ-ଦରଦୀ ତଥା ଶୋଷିତ ଶ୍ରେଣୀର ବିଭିନ୍ନ ସ୍ତରର ଜନସାଧାରଣଙ୍କୁ ସ୍ଥାନ ଦେବାକୁ ଯଥେଷ୍ଟ ନଥିଲା। ତଥାପି ବହୁ ଜନତା ଦଣ୍ଡାୟମାନ ହୋଇ ଦୀର୍ଘ ସମୟ ଧରି ବକ୍ତାମାନଙ୍କ ବକ୍ତବ୍ୟ ଶୁଣୁଥିଲେ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରୁଥିଲେ। ପାର୍ଟି କେନ୍ଦ୍ରୀୟ କମିଟିର ଆହ୍ୱାନରେ କମ୍ରେଡ୍ ଶିବଦାସ ଘୋଷଙ୍କ ସ୍ମରଣ ଦିବସ ସମଗ୍ର ଦେଶରେ ପାଳିତ ହୋଇଛି। ୧୯୭୭ ମସିହା ଅଗଷ୍ଟ ୫ତାରିଖ ଦିନ ଏହି ମହାନ ନେତା ପ୍ରୟାତ ହୋଇଥିଲେ। ସେବେଠୁ ପ୍ରତିବର୍ଷ ଗଭୀର ଆବେଗର ସହ ଏହି ଦିବସଟି ପାଳିତ ହୋଇଆସୁଛି। ପାର୍ଟି ଓଡିଶା ରାଜ୍ୟ କମିଟି ପକ୍ଷରୁ ଅଗଷ୍ଟ ୬ତାରିଖ ଦିନ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୫ତାରିଖ ଦିନ ଭୁବନେଶ୍ୱର ପାର୍ଟି ରାଜ୍ୟ କାର୍ଯ୍ୟାଳୟ ସମେତ ରାଜ୍ୟବ୍ୟାପୀ ସମସ୍ତ କାର୍ଯ୍ୟାଳୟରେ ପାର୍ଟିର

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

ରାଜ୍ୟ ବିଜେପି ସରକାରର ଅପରାଧି ସୁଲଭ ଉଦାସୀନତା ରାଜ୍ୟର ବନ୍ୟା ପୀଡିତ ମାନଙ୍କୁ ଦୟନୀୟ ଅବସ୍ଥାରେ ପକାଇଛି

ଗତ ପ୍ରାୟ ଦେଢ଼ ମାସ ଧରି ଲଗାଣ ଲଘୁଚାପ ଜନିତ ବର୍ଷା ଫଳରେ ରାଜ୍ୟର ବିସ୍ତୀର୍ଣ୍ଣ ଅଂଚଳ ଜଳାର୍ଣ୍ଣବ। ସଦ୍ୟ ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟର ୨୦ ଟି ଜିଲ୍ଲାର ୧୧୦ରୁ ଅଧିକ ବ୍ଲକ୍‌ର ୧୪୫୮ ରୁ ଅଧିକ ଗ୍ରାମ ପଂଚାୟତ ସମେତ ୧୪ ଟି ସହରାଂଚଳରେ ମୋଟ ୧୦ ଲକ୍ଷରୁ ଅଧିକ ଏହି ବନ୍ୟାରେ ଗୁରୁତର ଭାବରେ ପ୍ରଭାବିତ ହୋଇଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଚଳିତ ବର୍ଷ ବନ୍ୟାରେ ୧୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ମୁଖରେ ପଡ଼ିଥିବାବେଳେ ୧୩୧୦ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଛି, ୧୩୫୩ଟି ଘର ଭାଙ୍ଗିଛି, ୪୨,୨୧୬ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ବିଶେଷ କରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କେଉଁଝର ଓ ମୟୂରଭଞ୍ଜ ଭଳି ୬ଟି ଜିଲ୍ଲାରେ ବନ୍ୟା ଜନିତ କ୍ଷୟକ୍ଷତି ସବୁଠାରୁ ଅଧିକ। ବୈତରଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ବ୍ରାହ୍ମଣୀ, ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁ ଓ ହୀରାକୁଦ, ରେଙ୍ଗାଲୀ ଓ ହଦଗଡ଼ ଡ୍ୟାମର ଫାଟକ ଖୋଲି ଦିଆ ଯିବା ଫଳରେ ସଂପୃକ୍ତ ଜିଲ୍ଲା ମାନଙ୍କରେ ଭୟାବହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ, ପ୍ରକୃତ କ୍ଷୟକ୍ଷତି ସରକାରୀ ହିସାବ ଠାରୁ ବହୁଗୁଣ ଅଧିକ। ପୁଣି ସରକାରୀ ପରିସଂଖ୍ୟାନ କେବଳ କେତେକ ସଂଖ୍ୟା, ଏଥିରେ ବନ୍ୟା ପୀଡ଼ିତ ମଣିଷ ମାନଙ୍କ ପୀଡ଼ା, ବେଦନା ଓ ସଂଘର୍ଷର ଚିତ୍ର ନାହିଁ। ବର୍ଷା ମୁଦାଏ ପାଇଁ ଚାତକ ଭଳି ଆକାଶକୁ ଚାହିଁ ଚାହିଁ ବହୁ ବିଳମ୍ବରେ ରୁଆ ହେଇଥିବା ଧାନ ପଚିଯିବା ଫଳରେ ଚାଷୀ ଯେ କି ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଚାହିଁ ଆଖିରୁ ଲୁହ ଗଡାଉଛି ସେକଥା ସରକାରୀ ପରିସଂଖ୍ୟାନରେ କିମ୍ବା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ଉଚ୍ଚପଦସ୍ଥ ଅମଲା ମାନଙ୍କ ସମ୍ବେଦନହୀନ ବକ୍ତବ୍ୟରେ ନାହିଁ।

ଇତି ମଧ୍ୟରେ ପ୍ରଥମ ବନ୍ୟାକୁ ଦେଢ ମାସ ବିତିଛି, ଚତୁର୍ଥ ଥର ପାଇଁ ବନ୍ୟା ଆସିଛି, ତା ପରେ ଯାଇ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀ ମାନଙ୍କର ବନ୍ୟାଞ୍ଚଳ ଗସ୍ତ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ ମାନଙ୍କ ବନ୍ୟାଂଚଳ ଗସ୍ତ ଦେଖି ସ୍ୱାଭାବିକ ଭାବରେ ମନେ ହେଉଛି, ଏହା ବନ୍ୟା ବିପନ୍ନଙ୍କ ଦୁଃଖ ଦେଖିବା, ବନ୍ୟା ପୀଡିତଙ୍କ ଦୟନୀୟ ସ୍ଥିତି ସମ୍ପର୍କରେ ଭଲଭାବରେ ଅବଗତ ହେବା ଓ ପୀଡିତ ମାନଙ୍କ ନିକଟରେ ଆବଶ୍ୟକ ସହାୟତା ଯୋଗାଇବା ପାଇଁ ନୁହେଁ, ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ। ଏହି ଗସ୍ତ ଯଦି ପୀଡିତ ଲୋକଙ୍କ ପୀଡାକୁ ସ୍ୱଚକ୍ଷୁରେ ଦେଖିବା ହୋଇଥାନ୍ତା ତା ହେଲେ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ଦୁଃଖ ଦେଖି କିଛି ନହେଲେ ପଦେ ସମବେଦନା ବାଣୀ ଶୁଣାଇବା ପରିବର୍ତ୍ତେ ରାଜସ୍ୱ ମନ୍ତ୍ରୀ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଇନ୍ଦ୍ର ଦେବତାଙ୍କ ମୋବାଇଲ ଫୋନ ନମ୍ବର୍ ମାଗି ନଥାନ୍ତେ। କିମ୍ବା ପଶ୍ଚିମ ଓଡ଼ିଶାରେ କେତୋଟି ଜିଲ୍ଲାର ଚାଷୀ ସାର ମିଳୁ ନଥିବା ଓ ସାର କଳାବଜାର ହେଉଥିବା ଅଭିଯୋଗ କରିବାପରେ ରାଜ୍ୟ କୃଷି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କହି ନଥାନ୍ତେ 'ଧାନ ଚାଷ ନୁହେଁ ଗଞ୍ଜେଇ ଚାଷ ପାଇଁ ସାର ଖୋଜୁଛନ୍ତି ତଥାକଥିତ ଚାଷୀ'।

ଏଠାରେ ଉଲ୍ଲେଖଯୋଗ୍ୟ,ରାଜ୍ୟ ବିଜେପି ସରକାର ପୂର୍ବ ସରକାରମାନଙ୍କ ଭଳି ବନ୍ୟା ପୀଡ଼ିତ ମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ କେବଳ ସମ୍ପୂର୍ଣ୍ଣ ଅଣଦେଖା କରିନାହିଁ, ଉଦ୍ଧାର ଓ ସହାୟତା ପ୍ରଦାନରେ ଅବହେଳା ପ୍ରଦର୍ଶନ କରିନାହିଁ, ବରଂ ଏ କ୍ଷେତ୍ରରେ ଅପରାଧୀ ସୁଲଭ ଉଦାସୀନତା ପ୍ରଦର୍ଶନ କରିଛି। ପ୍ରଥମ ଥର ବନ୍ୟା ଆସି ବାଲେଶ୍ୱର, ଭଦ୍ରକ, ଓ ଯାଜପୁର ଜିଲ୍ଲାରେ ତାଣ୍ଡବ ସୃଷ୍ଟି କରିଥିଲାବେଳେ ବନ୍ୟା ପୀଡ଼ିତ ମାନଙ୍କୁ ତଳିଆ ସରକାରୀ ଅଧିକାରୀଙ୍କ ଦୟାରେ ଛାଡ଼ିଦେଇ ମୁଖ୍ୟ ମନ୍ତ୍ରୀ, କୃଷି ତଥା ଉପମୁଖ୍ୟ ମନ୍ତ୍ରୀ, ମନ୍ତ୍ରୀ ମଣ୍ଡଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ୫ ଦିନିଆ ଦିଲ୍ଲୀ ଗସ୍ତ କଲେ। ଛାତ୍ର - ଯୁବକ ମାନଙ୍କ ଆନ୍ଦୋଳନ ଚାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ବାଧ ହେବାପରେ ନିଜ ଗାଦି ବଞ୍ଚେଇବାକୁ ମୁଖ୍ୟମନ୍ତ୍ରୀଙ୍କର ଏହି ଗସ୍ତ ଉଦ୍ଦିଷ୍ଟ ଥିଲାବୋଲି କେତେକ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଏଥିରୁ ବୁଝିହେବ ବନ୍ୟା ପ୍ରପୀଡ଼ିତ ଲକ୍ଷ ଲକ୍ଷ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ଏ ସରକାର କି ଧରଣର ଆଭିମୁଖ୍ୟ ପୋଷଣ କରୁଛି।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ଭିତର ପୃଷ୍ଠାରେ

★ ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ ସ୍ୱାକ୍ଷରିତ ହେବାକୁ ଯାଉଥିବା ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ଦେଶର କୃଷକ ଓ କ୍ଷେତ ମଜଦୁର ମାନଙ୍କ ସର୍ବନାଶ କରିବ।

★ ଭାରତବର୍ଷର ମୁକ୍ତି ଆନ୍ଦୋଳନର ପ୍ରାଣପୁରୁଷ କମ୍ରେଡ ଶିବଦାସ ଘୋଷ

★ ଦିଲ୍ଲୀର ଛାତ୍ର - ଯୁବ ଆନ୍ଦୋଳନ ଯେଉଁ ଶିକ୍ଷା ଦେଇଗଲା।

ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ ସ୍ୱାକ୍ଷରିତ ହେବାକୁ ଯାଉଥିବା

ଭାରତ ଆମେରିକା ବାଣିଜ୍ୟ ଚୁକ୍ତି

ଦେଶର କୃଷକ ଓ କ୍ଷେତ ମଜଦୁର ମାନଙ୍କ ସର୍ବନାଶ କରିବ

ଗତ ଫେବୃୟାରୀ ୬ତାରିଖ ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ଆନୁଷ୍ଠାନିକ ଭାବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଘୋଷିତ ହୋଇଛି। ସୁଦୀର୍ଘ ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ଏହି ବୁଝାମଣା ଚୁଡାନ୍ତ ପର୍ଯ୍ୟାୟ ଆଡକୁ ଗତି କରୁଛି ଏବଂ ଜଣାଯାଉଛି ଯେ ଏହା ଅନ୍ତିମ ରୂପ ନେବ।

ବର୍ତ୍ତମାନ ଦେଖାଯାଉ ଏହି ବୁଝାମଣା ପତ୍ରରେ ମୁଖ୍ୟତଃ କ'ଣ ଅଛି ? ଅନ୍ୟାନ୍ୟ ବିଷୟକୁ ବାଦଦେଲେ ଏହି ଚୁକ୍ତିରେ ଯାହା ରହିଛି ସେଗୁଡିକ ହେଉଛି, ୧- ଭାରତ ସରକାର ଆମେରିକାର କୃଷିଜାତ ଓ ଶିଳ୍ପଜାତ ଦ୍ରବ୍ୟ ଉପରେ ଆମଦାନୀ ଶୁଳ୍କ ସଂପୂର୍ଣ୍ଣ କିମ୍ବା ବ୍ୟାପକ ଭାବରେ କମେଇ ଦେବେ। ଆମେରିକାରେ ଉତ୍ପାଦିତ ଖାଦ୍ୟ ଶସ୍ୟ ଓ କୃଷିଜାତ ପଦାର୍ଥ ଉପରୁ ଆମଦାନୀ ଶୁଳ୍କ ପୁରାପୁରି ଛାଡ କରାଯିବ କିମ୍ବା ଅନେକଟା କମାଇ ଦିଆଯିବ। ଏହି କୃଷିଜାତ ଦ୍ରବ୍ୟ ହେଲା-ଶୁଖିଲା ପଶୁ ଖାଦ୍ୟ, ଜୋଆର, ପେସ୍ତା ବାଦାମ, ସମସ୍ତ ପ୍ରକାର ଫଳ ଓ ପ୍ରକ୍ରିୟାକୃତ ଶୁଖିଲା ଫଳ, ସୋୟାବିନ ଓ ସୋୟାବିନ ତେଲ, ବିଭିନ୍ନ ପ୍ରକାର ଡାଲି ଜାତୀୟ ପଦାର୍ଥ, ଦୁଗ୍ଧଜାତ ଦ୍ରବ୍ୟ, ଅଣ୍ଡା ଓ କୁକୁଡା ଚାଷ ସମ୍ବଳିତ ଜିନିଷ ଓ ଅନ୍ୟାନ୍ୟ। ଭାରତ ସରକାର ଅଧିକରୁ ଅଧିକ ଶିଳ୍ପଜାତ ଓ କୃଷିଜାତ ପଦାର୍ଥ ଆମେରିକାରୁ କିଣିବ ଯାହାର ମୂଲ୍ୟ ହେବ ୪୫ରୁ୫୦ଲକ୍ଷ କୋଟି ଟଙ୍କାରୁ ଅଧିକ। ଆଉ ଗୋଟିଏ ଦିଗ ହେଉଛି ଭାରତରୁ ଆମେରିକା ବଜାରକୁ ରପ୍ତାନୀ କରାଯାଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କକୁ କମାଇ ଦିଆଯାଇ ୧୮ ପ୍ରତିଶତ କରାଯାଇଛି। ଏହା ଆମେରିକା ଘୋଷଣା କରିଛି। ଏହି ଚୁକ୍ତିର ଅନ୍ୟ ଏକ ଦିଗ ହେଉଛି ଭାରତ ଋଷରୁ ତେଲ କିଣିବା ବନ୍ଦ କରି ଆମେରିକା ଓ ଭେନେଜୁଆଲଠାରୁ କିଣିବ ବା ଆମଦାନୀ କରିବ।

ଭାରତୀୟ କୃଷି ଓ କୃଷକମାନଙ୍କ ଉପରେ ଏହାର ପ୍ରଭାବ :

ଆମେ ସହଜରେ ବୁଝିପାରୁଛୁ ଯେ ଆମେରିକାର କୃଷି ଓ ସେଠାକାର କୃଷକ, ଭାରତୀୟ କୃଷି ଓ ଏଠିକାର କୃଷକଙ୍କ ମଧ୍ୟରେ କୌଣସି ତୁଳନା ହୋଇପାରେନା। ଆମେରିକା ଜନସଂଖ୍ୟାର ମାତ୍ର ୨ପ୍ରତିଶତ କୃଷିକାର୍ଯ୍ୟରେ, ଯେଉଁଠି ଭାରତର ଜନସଂଖ୍ୟାର ୬୬ପ୍ରତିଶତ ଲୋକ କୃଷି କାର୍ଯ୍ୟରେ ଲାଗି ରୁହନ୍ତି।

ଆମେରିକାର କୃଷି ଆତ୍ୟାଧୁନିକ, ଏଠି ବଡ ବଡ ଧନୀଲୋକ ମାନେ ବଡ କୃଷି ଫାର୍ମ କରି ଚାଷ କରନ୍ତି। ସେମାନେ ଧନୀ କୃଷକ। କିନ୍ତୁ ଭାରତରେ ୮୪ପ୍ରତିଶତ ଜମି ଅଣ ଲାଭକାରୀ। ଏଥିରେ ଅଧିକାଂଶ ଗରିବ କୃଷକ, ଭାଗଚାଷୀ ଓ କ୍ଷେତ ମଜଦୁର ଅଛନ୍ତି। ଭାରତରେ କୃଷକମାନଙ୍କୁ ଫସଲର ଉଚିତ ଦାମ ମିଳେ ନାହିଁ। ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଆଧାରରେ ସି୨+୫୦ ଫର୍ମୁଲା ଅନୁଯାୟୀ ଅର୍ଥାତ୍ ଚାଷ ଖର୍ଚ୍ଚର ଦେଢଗୁଣ ହାରରେ ଚାଷୀମାନେ ଫସଲର ଦାମ ପାଆନ୍ତି ନାହିଁ। ଜନବିରୋଧି ବିଜେପି ସରକାରଙ୍କ ନୀତିର ପରିଣାମ ସ୍ୱରୂପ ବିହନ, ସାର, କୀଟନାଶକ, ପେଟ୍ରୋଲ, ଡିଜେଲର ଦାମ, ବିଦ୍ୟୁତ ଶୁଳ୍କର ଅହେତୁକ ବୃଦ୍ଧି ଫଳରେ କୃଷକ ମାନେ କରଜ ବା ଋଣରେ ବୁଡି ଯାଉଛନ୍ତି। ଋଣ ବୋଝରେ ଜର୍ଜରିତ ଚାଷୀ ଅନ୍ୟ ଉପାୟ ନପାଇ ଆତ୍ମହତ୍ୟାର ପଥ ବାଛି ନେଉଛି। ଅନ୍ୟପକ୍ଷରେ ଆମେରିକାର କୃଷକ ମାନେ ତାଙ୍କ ସରକାରଙ୍କଠାରୁ ବହୁତ ପରିମାଣରେ ସବସିଡି ପାଆନ୍ତି। ପ୍ରତ୍ୟେକ କୃଷକ ୧୩ଲକ୍ଷରୁ ୧୮ଲକ୍ଷ ଡଲାର କୃଷି ସବ୍‌ସିଡି ପାଆନ୍ତି। ଭାରତରେ ଏହା ମାତ୍ର ୪ହଜାର ଟଙ୍କା। ପୁଣି କେନ୍ଦ୍ର ଓ ରାଜ୍ୟ ସରକାର ଯାହାକି ସାମାନ୍ୟ ସବ୍‌ସିଡି ଦିଅନ୍ତି ତାର ସିଂହଭାଗ କର୍ପୋରେଟ ମାଲିକ ମାନଙ୍କ ପାଖକୁ ଚାଲିଯାଏ। ନିକଟ ଅତୀତରେ ଜଣେ କେନ୍ଦ୍ର ମନ୍ତ୍ରୀ ନିଜେ ପ୍ରଣୟନ କରିଥିବା ନିୟମ ଅନୁଯାୟୀ କାକୁଡି ଚାଷ ପାଇଁ ୧କୋଟି ଟଙ୍କା ସବ୍‌ସିଡି ନେଇଥିବା ବିଷୟ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଥିଲା। ମନ୍ତ୍ରୀ ଏହା ସ୍ୱୀକାର ମଧ୍ୟ କରିଥିଲେ। ଏହା ସ୍ପଷ୍ଟ ଯେ ଏହି ଦୁଇ ଦେଶର ଚାଷୀ ବା କୃଷକ ମାନଙ୍କ ଆର୍ଥିକ ସ୍ଥିତିରେ ଆକାଶ ପାତାଳ ତଫାତ୍ ଦେଖବାକୁ ମିଳେ।

ଭାରତରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୮କୋଟି କୃଷକ କାର୍ଯ୍ୟ କରନ୍ତି। ଏବେ ଆମେରିକାର ଶସ୍ତା ଦୁଗ୍ଧଜାତ ସାମଗ୍ରୀ-ଘିଅ, ପନିର ଛେନା ଭାରତୀୟ ବଜାରକୁ ପ୍ରବେଶ କରିବ। ଯାହାଦ୍ୱାରାକି ଦେଶର ଡାଏରି ଉଦ୍ୟୋଗ (ଗୋପାଳନ) ସଂପୂର୍ଣ୍ଣ ବିପର୍ଯ୍ୟୟ ହୋଇପଡିବ। ସୋୟାବିନ ତେଲ ଉତ୍ପାଦନ ଓ ସୋୟାବିନ ଫସଲ ସହିତ ଦେଶର ୫କୋଟି କୃଷକ ଯୋଡି ହୋଇଛନ୍ତି। ଏହା ଉପରେ ପୂର୍ବରୁ ଆମଦାନୀ ଶୁଳ୍କ ୫୦ପ୍ରତିଶତ ଥିଲା। ଚୁକ୍ତିର ସର୍ତ୍ତ ଅନୁଯାୟୀ ଏହାକୁ କମାଇବା ଦ୍ୱାରା ସୋୟାବିନ ଚାଷ ଓ ଏଥିରୁ ତେଲ ପ୍ରସ୍ତୁତ କାରଖାନାରେ କାମ କରୁଥିବା କୋଟି କୋଟି ଲୋକ କାଙ୍ଗାଳ ହୋଇଯିବେ। ପୋଲିଟ୍ରି (କୁକୁଡାଚାଷ) ଉଦ୍ୟୋଗ ଯେଉଁଥିରେ ୪କୋଟି ଚାଷୀ କାର୍ଯ୍ୟ କରୁଥିଲେ, ତାହା ମଧ୍ୟ କ୍ଷତିଗ୍ରସ୍ତ ହେବ। କୁକୁଡା ମାଂସ ଛଡା ଏଥିରୁ ପ୍ରତିବର୍ଷ ୧୪୨୦୦ କୋଟି ଅଣ୍ଡା ଉତ୍ପାଦନ ହେଉଥିଲା। ଯେଉଁଥିରୁ ପ୍ରୋଟିନ ଜାତୀୟ ଖାଦ୍ୟ ଲୋକମାନେ ପାଉଥିଲେ। ଚୁକ୍ତି ଅନୁଯାୟୀ ଶସ୍ତାରେ ଆମେରିକାର କୁକୁଡା ମାଂସ ଓ ଅଣ୍ଡା ଆମଦାନୀ କରାଗଲେ ଏହି କ୍ଷେତ୍ରରେ କାମକରି ଜୀବିକା ଅର୍ଜନ କରୁଥିବା କୋଟି କୋଟି ଚାଷୀ ବର୍ବାଦ ହେବେ। ଭାରତ ଏ କ୍ଷେତ୍ରରେ ଆମଦାନୀ ନିର୍ଭର ହେବ। ଡାଲି ଜାତୀୟ ଚାଷରୁ ୩କୋଟି ଚାଷୀ ଜୀବିକା ନିର୍ବାହ କରୁଥିଲେ। ଏଥିରେ ୩୦ ପ୍ରତିଶତ ଆମଦାନି ଶୁଳ୍କ ଥିଲା। ଯାହାକୁ ହଟାଇ ଦେଲେ ଆମେ ବିଦେଶୀ ଡାଲି ଉପରେ ନିର୍ଭରଶୀଳ ହେବା। ସେଓ, ଶୁଖିଲା ଫଳ ତଥା ଅନ୍ୟାନ୍ୟ ପ୍ରକ୍ରିୟାକୃତ ଫଳ ଭାରତ ବଜାରକୁ ଆସିବ। ଭାରତୀୟ ତୁଳାର ଯେଉଁ ବଜାର ଥିଲା ତାହାକୁ ଖତମ କରି ଦିଆଯାଉଛି। ବାଂଲାଦେଶ ଆମ ଦେଶର ତୁଳାର ବଡ କ୍ରେତା ଥିଲା। ଏହି ଦେଶ ଉପରେ ଆମେରିକା କଟକଣା ଜାରି କରିବା ହେତୁ ସେ ଆଉ ଆମ ଦେଶର ତୁଳାର ଆଉ ନେବ ନାହିଁ। ସବୁକ୍ଷେତ୍ରରେ କୃଷକମାନଙ୍କ ବିନାଶ ଘଟିବ। ବିଜେପି ସରକାରର ମନ୍ତ୍ରୀମାନେ ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି। ସେମାନେ କହୁଛନ୍ତି ଯେ ବିଦେଶରୁ କୃଷିଜାତ ପଦାର୍ଥ ଶସ୍ତାରେ ଆମଦାନୀ ହେଲେ ଲୋକଙ୍କୁ ଫାଇଦା ମିଳିବ। ଏବେ ଋଷ ଦେଶରୁ ଶସ୍ତାରେ ଅଶୋଧିତ ତେଲ ଖର୍ଦ୍ଦି କରାଯାଉଛି। ତାହାଦ୍ୱାରା ଜନସାଧାରଣ କଣ ଶସ୍ତାରେ ତେଲ ପାଉଛନ୍ତି ? ଆମ୍ବାନୀର ରିଲାଏନ୍ସ କମ୍ପାନୀ କମ ଦାମରେ ତେଲ କିଣି ଚଢା ଦରରେ ବିକୁଛି। ସରକାର ତେଲ କମ୍ପାନୀମାନେ ମଧ୍ୟ ସମାନ କାମ କରୁଛନ୍ତି। କୃଷି ଉତ୍ପାଦନର ଆମଦାନୀ ଓ ରପ୍ତାନୀ କାରବାରରେ ଲିପ୍ତଥିବା କର୍ପୋରେଟ ହାଉସ-ଆଦାନି ଆଗ୍ରୋ-ରିଲାଏନ୍ସର ରିଟେଲ ଏହି ଚୁକ୍ତି ଫଳରେ ପ୍ରଚୁର ମୁନାଫା କମାଇବେ। ସେମାନେ ବିଦେଶରୁ କମ ଦାମରେ ଜିନିଷ କିଣି(କୃଷି ଉତ୍ପାଦନ) ତାହାକୁ ଘରୋଇ ବଜାରରେ ଚଢା ଦରରେ ବିକି ସେଥିରୁ ପ୍ରଚୁର ମୁନାଫା କମାଇବେ। ଏହି ଜିନିଷ ଗୁଡିକୁ ମହଜୁଦ କରି ରଖିବାପାଇଁ ବଡ ବଡ ଆଧୁନିକ ଷ୍ଟୋର ନିର୍ମାଣ କରିବା ସହ ଏଫ୍‌ସିଆଇ(FCI) ଫୁଡ କର୍ପୋରେସନ ଅଫ ଇଣ୍ଡିଆର ୨୫୦ଟି ବଡ ବଡ ଗୋଦାମକୁ ଏହି କମ୍ପାନୀ ଶସ୍ତାରେ ଠିକାରେ ନେଇଛି। ଫଳରେ କୃଷକ ଓ କୃଷି ଉପଭୋକ୍ତା ମାନେ ଦୟନୀୟ ଅବସ୍ଥାକୁ ଚାଲିଯିବେ। ମୁନାଫାଖୋରୀର ଏହି ପ୍ରଣାଳୀକୁ ସୁବିଧାଜନକ କରିବାପାଇଁ ଖୁଚୁରା କାରବାର, ରିଟେଲ କୁ ଏକଚାଟିଆ ମାଲିକମାନେ ହାତକୁ ନେଉଛନ୍ତି। ଏହାଫଳରେ ଛୋଟ ଦୋକାନୀ, ଫେରିବାଲା, ଛୋଟ ବେପାରୀ ମାନଙ୍କ ଉପରେ ଚଡକ ପଡିଛି। ଏମାନଙ୍କ ଉଦ୍ଦେଶ୍ୟ ଗରିବ ଲୋକଙ୍କୁ ଖୁଚୁରା କାରବାରରୁ ହଟେଇ ଦେବା ଏବଂ ସଂପୂର୍ଣ୍ଣ ରିଟେଲ ବିକ୍ରୟ ପ୍ରଣାଳୀକୁ ଏକଚାଟିଆ ପୁଞ୍ଜିପତିଙ୍କ ହାତକୁ ନେବା।

ଦେଶର ପ୍ରାୟ ୨୨ ପ୍ରତିଶତ ଜିନିଷ ଆମେରିକାରୁ ଆମଦାନି ହୁଏ। ଦେଶର ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ ଭାରତ ଆମେରିକା ବ୍ୟବସାୟ ବାଣିଜ୍ୟ ଚୁକ୍ତି କରିବା ବ୍ୟତୀତ କେନ୍ଦ୍ର ବିଜେପି ସରକାରର ଗତ୍ୟନ୍ତର ନାହିଁ। ତେଣୁ ବିଶେଷ ଆନ୍ତର୍ଜାତିକ ପରିସ୍ଥିତିରେ ଦେଶର ଶାସକ ମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏହି ବୁଝାମଣାରୁ କେତେବେଶୀ ସୁବିଧା ସୁଯୋଗ ଭାରତୀୟ କର୍ପୋରେଟ ମାନଙ୍କୁ ମିଳି ପାରିବ। ସେମାନେ ଏକଥା ଭଲଭାବେ ଜାଣନ୍ତି ଯେ ଆମେରିକାର ଏକଚାଟିଆ ପୁଞ୍ଜିପତିମାନେ ଭାରତର କୋଟି କୋଟି ଗରିବ କୃଷକ ମାନଙ୍କ ବିନାଶ ଡାକି ଆଣିବେ। ସାଧାରଣ ଚାଷୀ ତଥା କ୍ଷେତ ମଜଦୁର ଓ ଶ୍ରମିକ ମାନଙ୍କ ପ୍ରତି ସରକାରର କୌଣସି ଦରଦବୋଧ ନଥାଏ। ଭାରତୀୟ ପୁଞ୍ଜିପତି ମାନଙ୍କର ଏହି ଚୁକ୍ତିରୁ କେତେ ଲାଭ ବା କ୍ଷତି ହେବ ତାହା ସେମାନଙ୍କର ଏକମାତ୍ର ଚିନ୍ତାର ବିଷୟ। ଦୀର୍ଘ ୧ବର୍ଷ ୬ମାସ ଧରି ବାରମ୍ବାର ଉକ୍ତ ବୁଝାମଣାର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରାଯାଇଛି। ଆଜି ଏହା ସ୍ପଷ୍ଟ ଯେ ଆଦାନୀ ଓ ଅମ୍ବାନୀ ଭଳି ଏକଚାଟିଆ କମ୍ପାନୀମାନେ ଆମେରିକା ସାମ୍ରାଜ୍ୟବାଦୀ ମାନଙ୍କଠାରୁ ଅନେକ ସୁବିଧା ସୁଯୋଗ ହାସଲ କରିସାରିଛନ୍ତି। ବାଣିଜ୍ୟ ଚୁକ୍ତି କେବଳ ଏହା ଉପରେ ଆନୁଷ୍ଠାନିକତାର ମୋହର ମାରିବ। ଆମେରିକା ଓ ଭାରତ ସରକାରଙ୍କ ମଧ୍ୟରେ ଏହାକୁ ନେଇ ଏକ ପ୍ରକାର ଫଇସାଲା ହୋଇସାରିଛି। ଯେହେତୁ ଆମେରିକାର ସାମ୍ରାଜ୍ୟବାଦ ଭାରତଠାରୁ ଶକ୍ତିଶାଳୀ, ଏହି ବାଣିଜ୍ୟ ଚୁକ୍ତିରେ ସିଂହଭାଗ ଲାଭ ଆମେରିକା ପାଇବ। ସେହି ତୁଳନାରେ ଭାରତର ଏକଚାଟିଆ ପୁଞ୍ଜିପତିମାନେ କମ ପାଇବେ, ଯେଉଁମାନେ ସାର୍ବଭୌମତ୍ୱ ସଂପନ୍ନ ହେବ ବୋଲି ପ୍ରଚାର କରନ୍ତି, ସେମାନେ ଜାଣନ୍ତି ନାହିଁ ଯେ ବର୍ତ୍ତମାନ ବିଶ୍ୱ ସାମ୍ରାଜ୍ୟବାଦୀ-ପୁଞ୍ଜିବାଦୀ ବ୍ୟବସ୍ଥାରେ ମାର୍କେଟ ବା ବଜାର ଦଖଲ ଛଡା ମାଲିକମାନଙ୍କର ଅନ୍ୟ କୌଣସି ପନ୍ଥା ନାହିଁ। ଯେକୌଣସି ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦେଶ ତାର ବଜାର ପାଇଁ ସଂଗ୍ରାମ କରିଥାଏ।

ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ଓ ଭାରତର ଏକଚାଟିଆ ପୁଞ୍ଜିପତି ଶ୍ରେଣୀ :

ଏହି ବୁଝାମଣା ବା ଚୁକ୍ତିଦ୍ୱାରା ଭାରତୀୟ ପୁଞ୍ଜିପତି ମାନଙ୍କର ପ୍ରଚୁର ମୁନାଫା ହେବ। ଆଦାନି ଗ୍ରୁପର ପୁଞ୍ଜି ବଜାରରେ କାରବାର ୧୪ଲକ୍ଷ କୋଟି ଟଙ୍କାକୁ ଛୁଇଁବ। ବାସ୍ତବରେ ଆଦାନି ଗ୍ରୁପର ଯାତ୍ରା ଆରମ୍ଭ ହେଲା କୃଷିଜାତ ପଦାର୍ଥର ଆମଦାନୀ ରପ୍ତାନୀରୁ। ଏବେ ଏହି ବାଣିଜ୍ୟ-ବ୍ୟବସାୟ ବୃହତ୍ ଆକାର ଧାରଣ କରିଛି। 'ଆଦାନୀ ଆଗ୍ରୋ ଫ୍ରେସ୍' ଆଜି ଭିତ୍ତିଭୂମି ନିର୍ମାଣ କରୁଛି। ଆଦାନି ପୋର୍ଟ ଓ ସ୍ୱତନ୍ତ୍ର ଅର୍ଥନୈତିକ ଅଂଚଳ(SEZ) ହାତକୁ ନେଇଛି। ଏମାନେ ଖାଦ୍ୟ ଶସ୍ୟ, ସୋୟାବିନ, ଡାଲିଜାତୀୟ ପଦାର୍ଥ ଆଦି ଆମଦାନି ରପ୍ତାନିର ସିଂହଭାଗ ନିୟନ୍ତ୍ରଣ କରନ୍ତି।

ଏବେ କିଏ ଆମେରିକାରୁ ଏହି ବିଶାଳ ପରିମାଣର କୃଷିଜାତ ପଦାର୍ଥ ଭାରତର ଏକଚାଟିଆ କୃଷି ଘରୋଇ ବଜାରକୁ ପ୍ରବେଶ କରାଇବ। ଏହାକୁ ଆମଦାନୀ ରପ୍ତାନୀ କରୁଥିବା ଏକଚାଟିଆ କୃଷି ବ୍ୟବସାୟୀ କର୍ପୋରେସନ ଗୁଡିକ ଶସ୍ତାରେ କିଣିବେ ଓ ଦେଶରେ ଚଢା ଦରରେ ବିକ୍ରି କରି ପ୍ରଚୁର ମୁନାଫା ଲୁଟ କରିବେ। ଏହାଦ୍ୱାରା ଗୋଟିଏ ପଟରେ ଦେଶର କୃଷକ ମାନେ ବିପର୍ଯ୍ୟୟର ସମ୍ମୁଖୀନ ହେବେ ଅନ୍ୟ ପଟରେ ସାଧାରଣ ଖାଉଟି ନିର୍ମମ ଶୋଷଣର ଶୀକାର ହେବେ।

ଅଧିକନ୍ତୁ ଏହି ନୂତନ ବୁଝାମଣାର ଫଳସ୍ୱରୂପ ଆମଦାନି ରପ୍ତାନିର ମୋଟ ପରିମାଣ ଉଲ୍ଲେଖଯୋଗ୍ୟ ଭାବେ ବୃଦ୍ଧି ପାଇବ। ଉକ୍ତ ବ୍ୟବସାୟ ସାମୁଦ୍ରିକ ବନ୍ଦର ଦ୍ୱାରା ପରିଚାଳନା କରାଯିବ। ମୁଖ୍ୟତଃ ଆଦାନୀ ପୋର୍ଟ ଜରିଆରେ ବ୍ୟବସାୟ ବାଣିଜ୍ୟ କରାଯିବ। ଏହା ଆମ୍ବାନିର ରିଲାଏନ୍ସର ଗ୍ରୁପ ପାଇଁ ମଧ୍ୟ ଫଳପ୍ରଦ ହେବ। ନିକଟରେ ରିଲାଏନ୍ସର ଏ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ୨୭ଲକ୍ଷ କୋଟି ହୋଇଛି। ଏହି କମ୍ପାନୀ ଟେକ୍ସାସରେ ତୈଳ ବିଶୋଧନାଗାର ନିର୍ମାଣ ପାଇଁ ଚୁକ୍ତିବଦ୍ଧ ହୋଇଛି ଯାହାକି ଏହି ବାଣିଜ୍ୟ ଚୁକ୍ତି ପ୍ରଭାବରେ ହୋଇଛି। ବାଣିଜ୍ୟିକ ଚୁକ୍ତି କୋଟି କୋଟି ଚାଷୀ, ଭାଗଚାଷୀ, କୃଷି ଶ୍ରମିକ ତଥା ସମସ୍ତ ବର୍ଗର ଖଟିଖିଆ ଲୋକଙ୍କ ଜୀବନ ଜୀବିକାର ବିପର୍ଯ୍ୟୟ ଆଣିବ। କିନ୍ତୁ ମାଲିକ ପୁଞ୍ଜିପତି ଓ ଏକଚାଟିଆ ପୁଞ୍ଜିପତି ମାନଙ୍କ ପାଇଁ ମୁନାଫା ଲୁଟ୍‌ର ଅପୂର୍ବ ସୁଯୋଗ ଆଣିଦେବ। ସୁତରାଂ ଦେଶର ସମସ୍ତ ଚାଷୀ ମୂଲିଆ, ଖଟିଖିଆ ଓ ଶୋଷିତ ନିର୍ଯ୍ୟାତିତ ଲୋକମାନଙ୍କ ସମେତ ସାଧାରଣ ଖାଉଟି ମଧ୍ୟ ଏହି କୃଷକ ବିରୋଧି ତଥା ଜନବିରୋଧି ବାଣିଜ୍ୟ ଚୁକ୍ତିର ବାତିଲ ଦାବିରେ ଐକ୍ୟବଦ୍ଧ ଗଣ ଆନ୍ଦୋଳନ ରାସ୍ତାରେ ଆଗେଇ ଆସିବା ଏକାନ୍ତ ଆବଶ୍ୟକ।

★★★

ଭାରତବର୍ଷର ମୁକ୍ତି ଆନ୍ଦୋଳନର ପ୍ରାଣପୁରୁଷ କମ୍ରେଡ ଶିବଦାସ ଘୋଷ

(ସ୍ମରଣସଭାରେ କମ୍ରେଡ୍ ସ୍ୱପନ ଘୋଷଙ୍କ ପ୍ରଦତ୍ତ ଭାଷଣ)

କମ୍ରେଡ୍ ସଭାପତି, ମଂଚାସୀନ ନେତୃମଣ୍ଡଳୀ, ଉପସ୍ଥିତ କମ୍ରେଡ୍ସ ଓ ବନ୍ଧୁଗଣ,

୫ ଅଗଷ୍ଟ, ଏହି ଦିନଟି ଆମ ଦଳର ନେତା, ସଂଗଠକ, କର୍ମୀ, ସମର୍ଥକ, ଦରଦୀ ତଥା ଶୋଷିତ ମଣିଷ ନିକଟରେ ଅତ୍ୟନ୍ତ ବେଦନାର ଦିନ। ୧୯୭୬ ମସିହାରେ ବିନା ମେଘେ ବଜ୍ରପାତ ଭଳି ଏହି ଦିନଟି ଆମ ଜୀବନରେ ଆସିଥିଲା। ପ୍ରତିବର୍ଷ ନୂତନ ନୂତନ ଜାତୀୟ, ଆନ୍ତର୍ଜାତିକ ପରିସ୍ଥିତିର ପୃଷ୍ଠଭୂମିରେ ଏହି ଦିବସର ପାଳନ ଭିନ୍ନ ତାତ୍ପର୍ଯ୍ୟ ବହନ କରିଥାଏ। ଭୀଷଣ ପ୍ରାକୃତିକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏହି ସଭା ଅନୁଷ୍ଠିତ ହେଉଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଓଡ଼ିଶାର ୨୦ ଜିଲ୍ଲା ବନ୍ୟା ପ୍ଲାବିତ। ପ୍ରାୟ ୮ ଲକ୍ଷ ଲୋକ ବନ୍ୟା ପୀଡିତ। ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଲଗାଣ ବର୍ଷା ଯୋଗୁ କ୍ଷୟକ୍ଷତି ହୋଇଛି। ଅବିରାମ ବର୍ଷା ଚାଲିଛି। ତା' ମଧ୍ୟରେ ବି ଏତେବଡ ସମାବେଶ ଅନୁଷ୍ଠିତ ହୋଇଛି। ଆସାମର ୫ଟି ଜିଲ୍ଲା ବିଶେଷକରି ଅପର ଆସାମର ୩ଟି ଜିଲ୍ଲା ମାରାତ୍ମକ ଭାବେ କ୍ଷତିଗ୍ରସ୍ତ ହୋଇଛି। କିଛି ଅଂଚଳ ପ୍ରାୟ ନିଃଶେଷ ହୋଇଯାଇଛି। ବିଭିନ୍ନ ରିପୋର୍ଟ କହୁଛି, ପ୍ରାୟ ଅଢେଇ ଲକ୍ଷରୁ ଅଧିକ ମଣିଷ ଗୃହହରା ସ୍ଥିତି। ଏତେ ଭୟାବହ ଯେ, କୌଣସି ଗଣମାଧ୍ୟମ ପକ୍ଷରେ ପକୃତ ତଥ୍ୟ ଦେବା ମଧ୍ୟ ସମ୍ଭବ ହେଉନାହିଁ। ଏହି ପରିସ୍ଥିତିରେ ଗତକାଲି ଆସାମର ଗୌହାଟିରେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ସ୍ମରଣ ସଭା ଅନୁଷ୍ଠିତ ହୋଇଛି। ଗତକାଲି ମଧ୍ୟ ପ୍ରବଳ ବର୍ଷା ଭିତରେ କଲିକତାରେ ବିଶାଳ ଜନସଭା ଅନୁଷ୍ଠିତ ହୋଇଛି। ୨୫ଟି ରାଜ୍ୟରେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ବାର୍ଷିକୀ ପାଳିତ ହେଉଛି। ଏହା କିଭଳି ସମ୍ଭବ ହୋଇଛି ? ସମ୍ଭବ ହୋଇଛି, ଆମର ପ୍ରିୟତମ ନେତା, ଶିକ୍ଷକ, ପଥପ୍ରଦର୍ଶକ, ଏ ଯୁଗର ଅନ୍ୟତମ ଶ୍ରେଷ୍ଠ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ୍ ଶିବଦାସ ଘୋଷଙ୍କ ପ୍ରତି ଶୋଷିତ ଜନଗଣଙ୍କର ଗଭୀର ଶ୍ରଦ୍ଧା, ଭଲପାଇବା ଓ ଆବେଗ ଯୋଗୁ।



ଆଜି ଅତ୍ୟନ୍ତ ଭୟାବହ ଜାତୀୟ, ଆନ୍ତର୍ଜାତିକ ପରିସ୍ଥିତି ମଧ୍ୟରେ ମହାନ ନେତାଙ୍କ ସ୍ମରଣ ଦିବସ ଆମେ ପାଳନ କରୁଛୁ। ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ସମସ୍ତ କ୍ଷେତ୍ରରେ ସଂକଟ ମାରାତ୍ମକ। ଆମ ଦେଶର ଅବସ୍ଥା କଣ ? କିଛିଦିନ ତଳେ ଦିଲ୍ଲୀରେ କି ଅଭୁତପୂର୍ବ ଛାତ୍ର-ଯୁବ ଆନ୍ଦୋଳନ ସଂଗଠିତ ହୋଇଗଲା। ୨୦୨୦-୨୧ରେ ଦିଲ୍ଲୀରେ ଐତିହାସିକ କୃଷକ ଆନ୍ଦୋଳନ ସଂଗଠିତ ହୋଇଛି। ଦିଲ୍ଲୀର ପାର୍ଶ୍ୱବର୍ତ୍ତୀ ଅଂଚଳ ଗୁଡଗାଓଁ, ନଏଡା, ଗ୍ରେଟର ନଏଡା, ହରିୟାଣାର ସୋନିପଥ, ପାନିପଥ, ରାଜସ୍ଥାନ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ବ୍ୟାପକ ଶ୍ରମିକ ଆନ୍ଦୋଳନ ଗଢିଉଠିଛି। ସରକାର ଏହି ଆନ୍ଦୋଳନଗୁଡିକୁ ମୁକାବିଲା କରିନପାରି ଶ୍ରମିକମାନଙ୍କ ଉପରେ ବ୍ୟାପକ ଅତ୍ୟାଚାର କରୁଛି। ଶ୍ରମିକ-କୃଷକ-ଛାତ୍ର-ଯୁବକ ଆଜି ରାଜରାସ୍ତାରେ। ସମ୍ବାଦମାଧ୍ୟମ ବର୍ଣ୍ଣନା କରୁଛି, ଶ୍ରମିକ ଆନ୍ଦୋଳନର ଏକ ଓ୍ୱେଭ ଆସିଛି। ଆନ୍ଦୋଳନରତ ଅସଂଖ୍ୟ ଶ୍ରମିକ ମାନଙ୍କ ମଥାରେ ଥିବା ହଳଦୀରଙ୍ଗର ହେଲମେଟ୍ ଯେମିତି ହଳଦୀ ରଙ୍ଗର ଢେଉ ଭଳି ଫୁଲି ଫୁଲି ଆସୁଛି। ରାଜସ୍ଥାନର ସମସ୍ତ ସଫେଇ କର୍ମୀ ଧର୍ମଘଟରେ ସାମିଲ ହୋଇଛନ୍ତି। ଗୋଟିଏ ପରେ ଗୋଟିଏ ରାଜ୍ୟରେ ଆନ୍ଦୋଳନ ଚାଲୁଛି।

ସଂପ୍ରତି ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ଏଥିଯୋଗୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ୧କୋଟି ଟଙ୍କା ସହାୟତା ରାଶି ପ୍ରଦାନ ଆଦି ଦାବିରେ ଦିଲ୍ଲୀରେ କି ଅଭୁତପୂର୍ବ ଛାତ୍ର-ଯୁବ ଆନ୍ଦୋଳନ ସଂଗଠିତ ହୋଇଗଲା। କେବଳ ଶିକ୍ଷା ସମସ୍ୟାକୁ ଭିତ୍ତିକରି ନୁହେଁ, ଛାତ୍ର ଯୁବକମାନଙ୍କ ମଧ୍ୟରେ ବିଭିନ୍ନ ସମସ୍ୟାକୁ ଭିତ୍ତି କରି ଥିବା ପ୍ରବଳ ବିକ୍ଷୋଭ ଅସନ୍ତୋଷ, ଜ୍ୱାଳା-ଯନ୍ତ୍ରଣା ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ଆନ୍ଦୋଳନ ମଧ୍ୟରେ ଫାଟି ପଡିଲା। ରାଷ୍ଟ୍ରଶକ୍ତିର ନୃଶଂସ ଦମନଲୀଳା ଏହାକୁ ଅଟକାଇ ପାରିଲା ନାହିଁ। ରିପୋର୍ଟ କହୁଛି, ୩ଜଣଙ୍କ ମଧ୍ୟରୁ ୨ଜଣ ଗ୍ରାଜୁଏଟ୍, ଏକ ବିଶାଳ ସଂଖ୍ୟକ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ରାଜ୍ୟ ବିଜେପି . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଅନ୍ୟପଟେ ପ୍ରଥମ ବନ୍ୟାରେ ସୃଷ୍ଟି ହୋଇଥିବା ଘାଇ ତୁରନ୍ତ ମରାମତି ନହେବାରୁ ଇତି ମଧ୍ୟରେ ବନ୍ୟା କ୍ଷତିଗ୍ରସ୍ତ ଜିଲ୍ଲା ଗୁଡିକରେ ପରକୁ ପର ଚାରିଥର ବନ୍ୟା ପାଣି ମାଡିଲାଣି। ପୀଡ଼ିତ ଗୃହହୀନ ଲକ୍ଷ ଲକ୍ଷ ଲୋକ ଆଜିବି ଖୋଲା ଆକାଶ ତଳେ ପଲିଥିନ୍ ଖଣ୍ଡେ ତଳେ ମାସାଧିକ କାଳ, ପିଲା ଛୁଆ, ଗାଈ ଗୋରୁ ଧରି ମୁଣ୍ଡ ଗୁଞ୍ଜିଛନ୍ତି। ଘରକୁ ଫେରିବା ସମ୍ଭବ ହେଉନାହିଁ। ନା ଅଛି ଆବଶ୍ୟକ ଖାଦ୍ୟ ପାନୀୟର ବ୍ୟବସ୍ଥା ନା ଅଛି ଚିକିତ୍ସାର ସୁଯୋଗ। ସାପ କାମୁଡାରେ ଯେ କେତେ ଲୋକ ଜୀବନ ହରାଇଲେଣି ସେ ହିସାବ କାହାରି ପାଖରେ ନାହିଁ। ବନ୍ୟା ଅଂଚଳରେ ବ୍ୟାପକ ଉଦ୍ଧାର ଓ ସହାୟତା କାମ ଚାଲିଛି ବୋଲି ସରକାର ଓ କ୍ଷମତାର ଚାଟୁକାର ରେ ପରିଣତ ହୋଇଥିବା ଗଣମାଧ୍ୟମର ଗୋଟିଏ ବଡ଼ ଅଂଶର ଘନ ଘନ ପ୍ରଚାର ସତ୍ତ୍ୱେ ପ୍ରଥମ ବନ୍ୟା ପରେ ଯେଉଁ ସରକାରୀ ସହାୟତା ଆସିଲା ତାହା ସମୁଦ୍ରକୁ ଶଙ୍ଖେ ମଧ୍ୟ ନୁହେଁ। ତା ପରେ ଆଉ ସରକାରୀ ସହାୟତାର ଦେଖା ନାହିଁ, କିନ୍ତୁ ରାଜଧାନୀରୁ ଗୋଟିଏ ପରେ ଗୋଟିଏ ଘୋଷଣା ଚାଲିଛି। ହେଲେ ଲଗାଣ ବର୍ଷାରେ ଛିଣ୍ଡା ପଲିଥିନ୍ ତଳେ ମୁଣ୍ଡ ଗୁଞ୍ଜିଥିବା ଲୋକଙ୍କ ପାଖରେ କିଛି କିଛି ବେସରକାରୀ ସହାୟତା ବ୍ୟତୀତ ସରକାରୀ ସହାୟତା ପହଞ୍ଚୁନାହିଁ।

ଲଗାଣ ବର୍ଷା ଆରମ୍ଭ ପୂର୍ବରୁ ବିଳମ୍ବିତ ମୌସୁମୀ ପ୍ରବାହ ଯୋଗୁ ଚାଷ କାମ ବିଳମ୍ବିତ ହୋଇଥିଲା, ଚାଷୀ ମୁଣ୍ଡରେ ହାତଦେଇ ବସିଥିଲା। ମାତ୍ର ଗୋଟିଏ ପରେ ଗୋଟିଏ ଲଘୁଚାପ ଜନିତ ପ୍ରବଳ ବର୍ଷା ଆରମ୍ଭ ହେବା ଯୋଗୁ ଗୋଟିଏ ପଟରେ ଜମିରେ ଥିବା ପରିବା ଉଜୁଡ଼ି ଗଲା, ପରିବା ବିଲରେ ପଚିଗଲା। ଦେହରୁ ରକ୍ତ ନିଗାଡ଼ି ପରିବା ଚାଷ କରିଥିବା ଚାଷୀ ପ୍ରାୟ ବିନା ମୂଲ୍ୟରେ ବେପାରୀଙ୍କୁ ପରିବା ଯଚେଇ ଦେଲା। ପ୍ରଥମ ଦଫା ବର୍ଷା ଛାଡ଼ିବା ପରେ ସରକାରୀ ଦରରେ ସାର ମୁଠେ ପାଇଁ ଅସଫଳ ପ୍ରୟାସ କରି, କଳା ବଜାରରୁ ସାର ଖରିଦ କରି ଚାଷୀ ତଳିରୁଆ ସାରିବାକୁ ବସିଥିବା ବେଳେ ଆରମ୍ଭ ହୋଇଗଲା ଗୋଟିଏ ପରେ ଗୋଟିଏ ଲଘୁଚାପ ଆଉ ଅବିଶ୍ରାନ୍ତ ବର୍ଷା। ଏହା ଫଳରେ ରୁଆ ଧାନ ବିଲରେ ପଚିଲା। ଜମି ଚଷିବା ପାଇଁ ଟ୍ରାକ୍ଟର ମାଲିକ ଏବେବି ଟଙ୍କା ପାଇନି, ସାର କିଣା ହେଇଛି ମହାଜନଠୁ ସୁଧିଆ ଟଙ୍କା ଆଣି, ବେଉଷଣ ଟଙ୍କା ବି ବାକି। ଫସଲ ହେଲେ ଟଙ୍କା ପରିଶୋଧ ହେବ, ପୁନେଇ ପର୍ବ ହେବ ବୋଲି ଭାବିଥିଲା ଚାଷୀ, ହେଲେ ମାଡ଼ି ଆସିଲା ବନ୍ୟା। ଲକ୍ଷ ଲକ୍ଷ ଏକର ଧାନ ଜମି ଜଳମଗ୍ନ ହେଲା। ଲଘୁଚାପ ଜନିତ ବର୍ଷା ସାଙ୍ଗକୁ ହୀରାକୁଦ, ରେଙ୍ଗାଲି ଓ ହଦଗଡ଼ ଡ୍ୟାମର ସ୍ଲୁଇସ୍ ଗେଟ ଯୋଜନାହୀନ ଭାବରେ ଖୋଲିଦିଆଯିବା ଫଳରେ ରାଜ୍ୟରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇ ପଡ଼ିଛି।

ରାଜ୍ୟବାସୀ ବନ୍ୟାରେ ହିନସ୍ତା ହେଉଥିଲା ବେଳେ ବିଜେପି ସରକାର ଦୋଷ ଛଡେଇବା ପାଇଁ ସେହି ପୁରୁଣା ବାଜା ବଜାଇ ଚାଲିଛନ୍ତି। ସରକାରଙ୍କ ଯୁକ୍ତି ହେଉଚି ଲଘୁଚାପ ଜନିତ ଅସ୍ୱାଭାବିକ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ସେଥିରେ ସରକାରଙ୍କର କିଛି କରିବାର ନାହିଁ। ଏହି ପରିପ୍ରେକ୍ଷୀରେ କେତୋଟି ବିଷୟ ଆମେ ଏଠାରେ ଉଲ୍ଲେଖ କରିବାକୁ ଚାହୁଁ। ପ୍ରଥମତଃ ଲଘୁଚାପ ଜନିତ ବର୍ଷା ସମ୍ପର୍କରେ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା ଓ ସେ ବିଷୟରେ ରାଜ୍ୟ ସରକାର ଅବଗତ ଥିଲେ। ତା ସତ୍ତ୍ୱେ ମଧ୍ୟ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରୁ ଲୋକଙ୍କୁ ରକ୍ଷା କରିବାପାଇଁ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଗଲାନାହିଁ। ବନ୍ୟା ଆସିବା ପରେ ବି ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନକରିବା ଫଳରେ ପରିସ୍ଥିତି ଗମ୍ଭୀର ହୋଇଛି। ଦ୍ୱିତୀୟତଃ, ସରକାର ନଦୀ ବନ୍ଧ ଗୁଡ଼ିକର ସମୟୋପଯୋଗୀ ମରାମତି ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଅହେତୁକ ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି। ଏହା ବ୍ୟତୀତ ନଦୀବନ୍ଧ ମରାମତି ଓ ସୁଦୃଢ଼ୀକରଣ କ୍ଷେତ୍ରରେ ଅଚିନ୍ତନୀୟ ଦୁର୍ନୀତି ଓ ପ୍ରୟାପ୍ରୀତ ତୋଷଣ ଫଳରେ କାମ ଅତ୍ୟନ୍ତ ନିମ୍ନମାନର ହେଉଚି ଯାହା ଫଳରେ ନଈ ପାଣି ବନ୍ଧ ଛୁଇଁବା ସଙ୍ଗେସଙ୍ଗେ ହିଁ ଘାଇ ସୃଷ୍ଟିହେଉଛି। ଚାଷ ଜମିରେ ବନ୍ୟା ଜଳ ମାଡ଼ି ଯାଉଛି, ଘରଦ୍ୱାର ଭାଙ୍ଗୁଛି, ଲୋକ ଗୃହହୀନ ହେଉଛନ୍ତି। ତୃତୀୟତଃ, ପ୍ରଥମଥର ବନ୍ୟା ଆସିବାପରେ ମୁକୁଳା ଘାଇ ଗୁଡ଼ିକୁ ଯଦି ଯୁଦ୍ଧକାଳୀନ ଭିତ୍ତିରେ ବନ୍ଦ କରାଯାଇଥାନ୍ତା ତାହେଲେ ପରବର୍ତ୍ତୀ ବନ୍ୟାରେ ଲୋକ ହନ୍ତସନ୍ତ ହୋଇନଥାନ୍ତେ। ମାତ୍ର ରାଜ୍ୟ ବିଜେପି ସରକାର ଏ ଦିଗରେ ଅପରାଧୀ ସୁଲଭ ଉଦାସୀନତା ପ୍ରଦର୍ଶନ କରିବା ଫଳରେ ବନ୍ୟା ପୀଡ଼ିତ ମାନେ ବାର ବାର ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ।

ଉପର ଆଲୋଚନା ନିଃସନ୍ଦେହରେ ପ୍ରମାଣିତ କରୁଛିଯେ ସରକାର ଯାହା ଦାବି କଲେମଧ୍ୟ ଚଳିତ ବନ୍ୟା ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ଏହା ସରକାରୀ ଅବହେଳା, ଉଦାସୀନତା, ସରାକାରଙ୍କ ଜନବିରୋଧୀ ଚରିତ୍ର, ମହା ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣର ପରିଣାମ। ଚତୁର୍ଥତଃ, ନାନା ଧରଣର ହାସ୍ୟାସ୍ପଦ ଯୁକ୍ତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଜଙ୍ଗଲ, ପାହାଡ, ପର୍ବତ, ନଦୀ ସବୁକିଛି ପ୍ରାକୃତିକ ସମ୍ପଦକୁ ଏକଚାଟିଆ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦେଉଛନ୍ତି। ବ୍ୟାପକ ଖଣି ଖନନ ଓ ଜଙ୍ଗଲ କ୍ଷୟ ଫଳରେ ମୃତ୍ତିକା କ୍ଷୟ ହୋଇ ବନ୍ୟା ନିରାକରଣ ଓ ଜଳସେଚନ ପାଇଁ ଉଦ୍ଦିଷ୍ଟ ଜଳଭଣ୍ଡାର ଗୁଡ଼ିକର ଜଳ ଧାରଣ କ୍ଷମତା ହ୍ରାସ ପାଉଛି, ନଦୀ ଶଯ୍ୟା ପୋତି ହୋଇ ପଡୁଛି, ତଥାକଥିତ ବିକାଶ ଓ ଉନ୍ନୟନ ନାମରେ ନଦୀ ଶଯ୍ୟା ବିଭିନ୍ନ ଭାବରେ ପୋତି ହେଉଚି ଏବଂ ନଦୀରେ ସ୍ୱାଭାବିକ ଜଳ ପ୍ରବାହ ବାଧାପ୍ରାପ୍ତ ହେଉଛି। ଏସବୁ ଫଳରେ ବନ୍ୟାର ବିପଦ ବୃଦ୍ଧି ପାଉଛି। ତୁଳନା ମୂଳକ ଭାବରେ କମ୍ ବର୍ଷାରେ ବି ଭୟାବହ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି।

ଏଠାରେ ଆମେ ଆହୁରି ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁ ଯେ, ଆଜି ବିଜ୍ଞାନର ଅଗ୍ରଗତି ଯେଉ ସ୍ତରରେ ପହଂଚଛ ବନ୍ୟା, ବାତ୍ୟା ଓ ମରୁଡ଼ ଭଳି ଯେ କୌଣସି ବିପର୍ଯ୍ୟୟକୁ ଅନାୟସରେ ମୁକାବିଲା କରାଯାଇପାରିବ, ଏ ସବୁର ସ୍ଥାୟୀ ପ୍ରତିକାର କରାଯାଇପାରିବ। ମାତ୍ର ଗଭୀର କ୍ଷୋଭର ସହିତ ଆମକୁ କହିବାକୁ ହେଉଛି ଯେ ସ୍ୱାଧୀନତା ପରେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ହୋଇଥିବା ବିଭିନ୍ନ ଦଳର ସରକାର ମାନଙ୍କ ମଧ୍ୟରୁ କୌଣସି ଗୋଟିଏ ସରକାର ମଧ୍ୟ ଦେଶର ସାଧାରଣ ମଣିଷକୁ ଏହି ଧରଣର ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ଏବଂ ସମସ୍ୟା ସମାଧାନ କରିବା ପାଇଁ ଆବଶ୍ୟକ ଓ ଉପଯୁକ୍ତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିନାହିଁ। ଫଳରେ ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ବିପର୍ଯ୍ୟୟରେ ସାଧାରଣ ଲୋକ ବିଶେଷ କରି ଚାଷୀ କୂଳର ଅଣ୍ଟା ଭାଙ୍ଗି ଯାଉଛି।

ଏହି ପରିସ୍ଥିତିରେ ଚଳିତ ବନ୍ୟାରେ ପୀଡ଼ିତ ଲୋକଙ୍କ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପର୍ଯ୍ୟାପ୍ତ ରିଲିଫ, ପାନୀୟ ଜଳ, ଗୋଖାଦ୍ୟ, ଉପଯୁକ୍ତ ଆଶ୍ରୟ ସ୍ଥଳୀର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ବନ୍ୟା ପରବର୍ତ୍ତୀ ସମୟରେ ନିଶୁଳ୍କ ଚିକିତ୍ସା ଓ ପର୍ଯ୍ୟାପ୍ତ ଔଷଧ ପତ୍ରର ବନ୍ଦୋବସ୍ତ କରିବା, ବିଚ୍ଛିନ୍ନ ଯୋଗାଯୋଗ ବ୍ୟବସ୍ଥାର ସୁଧାର କରିବା, ଘାଇ ଗୁଡିକର ତୁରନ୍ତ ମରାମତି କରିବା ଓ ନଷ୍ଟ ହୋଇଥିବା ଫସଲ ଓ ଭାଙ୍ଗିଥିବା ଘର ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ସଂଗେ ସଂଗେ ବନ୍ୟା, ବାତ୍ୟା ଓ ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ଦୀର୍ଘ ମିଆଦି ଯୋଜନା ପ୍ରଣୟନ କରିବାକୁ ଆମେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ ଦାବି କରୁଛୁ।

★★★

କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ-କୃଷକ ମାରଣ ନୀତି ବିରୁଦ୍ଧରେ ଦେଶ ବ୍ୟାପୀ ପ୍ରତିବାଦ ପ୍ରଦର୍ଶନ



ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ଲାଗୁ କରିବା, ଇପିଏଫ୍ ଓ ଇଏସ୍ଆଇସି କ୍ଷେତ୍ରରେ ମଜୁରୀର ସର୍ବୋଚ୍ଚ ସୀମା(ସିଲିଂ) ଉଚ୍ଛେଦ ନକରିବା, ପାଚିକା - ଆଶା- ଅଙ୍ଗନୱାଡି - ଏନ୍ଆରଏଲଏମ୍ ଆଦି ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ନଦେବା, C2+୫୦% ସୂତ୍ର ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ ଏସ୍ ପି) ନିର୍ଦ୍ଧାରଣ କରିବା ପାଇଁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ନକରିବା, ଆମେରିକା, ଇଂଲ୍ୟାଣ୍ଡ ଭଳି ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ରାଷ୍ଟ୍ର ସହିତ କୃଷିଜାତ ଦ୍ରବ୍ୟ ସଂପର୍କିତ ବାଣିଜ୍ୟ ଚୁକ୍ତି କରିବା ସମେତ ବହୁ ଶ୍ରମିକ- କର୍ମଚାରୀ ବିରୋଧୀ ଓ ଜନ ବିରୋଧୀ ନୀତି ଗ୍ରହଣ କରିଥିବା କେନ୍ଦ୍ର ବିଜେପି ସରକାରଙ୍କ ଅଗଣତାନ୍ତ୍ରିକ ପଦକ୍ଷେପ ବିରୁଦ୍ଧରେ ଏଆଇୟୁଟିୟୁସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନଙ୍କ ମିଳିତ ମଂଚ ଏବଂ ଏଆଇକେକେଏମଏସ୍ ପ୍ରମୁଖ ଅଂଶୀଦାର ଥିବା ସଂଯୁକ୍ତ କିଷାନ ମୋର୍ଚ୍ଚାର ମିଳିତ ଆହ୍ୱାନରେ ୧୦ ଅଗଷ୍ଟ ୨୦୨୬ରେ ଦେଶବ୍ୟାପୀ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଏଆଇୟୁଟିୟୁସି ପକ୍ଷରୁ ଦେଶର ବିଭିନ୍ନ ରାଜ୍ୟର ରାଜଧାନୀ ଓ ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ମିଳିତ ବିକ୍ଷୋଭ, ପ୍ରତିବାଦ, ଶୋଭାଯାତ୍ରା ଓ ଆଇନ୍ ଅମାନ୍ୟ ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରା ଯାଇଥିଲା।

ଓଡିଶା ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରୁ ଲୋୟର ପିଏମ୍ଜି ପର୍ଯ୍ୟନ୍ତ ଅନୁଷ୍ଠିତ ମିଳିତ ବିକ୍ଷୋଭ ଶୋଭାରେ ଏଆଇୟୁଟିୟୁସି ଓଡିଶା ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ ମେହେର ଓ ରାଜ୍ୟ ଅଫିସ୍ ସମ୍ପାଦକ କମ୍ରେଡ୍ ନିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସଂଗଠନର ଶତାଧିକ ଶ୍ରମିକ କର୍ମଚାରୀ ଯୋଗ ଦେଇ ଥିଲେ। ମୟୁରଭଞ୍ଜ ଜିଲ୍ଲାର ଯଶିପୁର ଠାରେ ଏଆଇୟୁଟିୟୁସି ଓଡିଶା ରାଜ୍ୟ ସଭାପତି କମ୍ରେଡ୍ ଶମ୍ଭୁନାଥ ନାଏକଙ୍କ ନେତୃତ୍ୱରେ ପ୍ରତିବାଦ ପ୍ରଦର୍ଶନ କରାଯାଇ ଥିଲା। କଟକ ଜିଲ୍ଲାପାଳ ଅଫିସ ସମ୍ମୁଖରେ ହୋଇଥିବା ମିଳିତ ଗଣ ପ୍ରତିବାଦରେ ସଂଗଠନର କଟକ ଜିଲ୍ଲା ସଭାପତି କମ୍ରେଡ୍ ଖଗେଶ୍ୱର ସେଠୀ ଓ ଜିଲ୍ଲା ସମ୍ପାଦକ କମ୍ରେଡ୍ ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ବହୁ ଶ୍ରମିକ କର୍ମଚାରୀ ସାମିଲ ହୋଇ ଥିଲେ। ସଂଗଠନର ରାଜ୍ୟ ଉପସଭାପତି କମ୍ରେଡ୍ ଭିକାରୀ, ପ୍ରଧାନ ଅନୁଗୁଳ ଜିଲ୍ଲା କମିଟିର ସଭାପତି କମ୍ରେଡ୍ ପ୍ରହ୍ଲାଦ ଚନ୍ଦ୍ର ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ , ସଂପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଦୁଃଖିଶ୍ୟାମ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଶ୍ରମିକ କର୍ମଚାରୀମାନେ ଅନୁଗୁଳ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ଶ୍ରମିକ-କୃଷକଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ। ରାଉରକେଲାଠାରେ ମିଳିତ ଆଇନ ଅମାନ୍ୟ ଆନ୍ଦୋଳନରେ ସଂଗଠନର ରାଜ୍ୟ ଉପସଭାପତି କମ୍ରେଡ୍ ଅଜିତ୍ ନାୟକ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଶ୍ରୀନିବାସ ସେଠୀ, ସୁନ୍ଦରଗଡ ଜିଲ୍ଲା ସମ୍ପାଦକ କମ୍ରେଡ ବିଷ୍ଣୁ ପଣ୍ଡା, ରାଜ୍ୟ କମିଟି ସଭ୍ୟ ବିଜୟ ସାହୁଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲାର କଳିଙ୍ଗ ନଗର ଏଡିଏମ୍ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ସଂଗଠନର ଜିଲ୍ଲା ସମ୍ପାଦକ କମ୍ରେଡ ସୁରେଶ ପ୍ରଧାନ ଓ ସହସମ୍ପାଦକ ରାଜକିଶୋର ମହାନ୍ତଙ୍କ ନେତୃତ୍ୱରେ ଶ୍ରମିକ କର୍ମଚାରୀମାନେ ସାମିଲ ହୋଇଥିଲେ। ଏଆଇୟୁଟିୟୁସି କୋରାପୁଟ ଜିଲ୍ଲା ସମ୍ପାଦକ କମ୍ରେଡ୍ ସୂର୍ଯ୍ୟ ବିକ୍ଷୋୟୀଙ୍କ ନେତୃତ୍ୱରେ ଶ୍ରମିକମାନେ କୋରାପୁଟ ଜିଲ୍ଲାପାଳ ଅଫିସ୍ ସମ୍ମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ବାଲେଶ୍ୱର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ମିଳିତ ବିକ୍ଷୋଭ ପ୍ରଦର୍ଶନରେ ଏଆଇୟୁଟିୟୁସି ରାଜ୍ୟ କମିଟି ସଭ୍ୟ କମ୍ରେଡ ନିରାକାର ପାଣ୍ଡବ ଓ କମ୍ରେଡ ଉମାକାନ୍ତ ଦାସଙ୍କ ସମେତ ବହୁ ଶ୍ରମିକ ସାମିଲ ହୋଇଥିଲେ। କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ମିଳିତ ପ୍ରତିବାଦରେ ଏଆଇୟୁଟିୟୁସି ରାଜ୍ୟ କମିଟି ସଦସ୍ୟା କମ୍ରେଡ୍ ଏଲିନା ସାମନ୍ତରାୟଙ୍କ ସମେତ ବହୁ ଶ୍ରମିକ ଅଂଶଗ୍ରହଣ କରିଥିଲେ। ଭଦ୍ରକରେ ମଧ୍ୟ ସଂଗଠନର ରାଜ୍ୟ କମିଟି ସଭ୍ୟ କମ୍ରେଡ ରାମଚନ୍ଦ୍ର ଶଙ୍ଖୁଆଙ୍କ ସମେତ ବହୁ ଶ୍ରମିକ ସାମିଲ ହୋଇ ଥିଲେ। ★★★



ଗଭୀର ଆବେଗ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ରକ୍ତ ପତାକା ଉତ୍ତୋଳନ, ମହାନ ନେତାଙ୍କ ଫଟୋ ସମ୍ବଳିତ ବ୍ୟାଚ୍ ପରିଧାନ, ତାଙ୍କ ଉପରେ ରଚିତ ସଂଗୀତ ପରିବେଷଣ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ କମିଟି ନିଷ୍ପତ୍ତିକ୍ରମେ, ଜୁଲାଇ ୨୨ରୁ ତାଙ୍କ ମୂଲ୍ୟବାନ ଆଲୋଚନା ସମ୍ବଳିତ ପୁସ୍ତକ 'ବିପ୍ଳବୀ ଜୀବନ ହିଁ ସର୍ବାପେକ୍ଷା ମର୍ଯ୍ୟାଦାମୟ' ବ୍ୟକ୍ତିଗତ ଓ ସାମୂହିକ ଭାବେ ପଠନ, ତାଙ୍କର ପୁସ୍ତକ ବିକ୍ରି, ବିଭିନ୍ନ ସଭା, ବୈଠକ, ପ୍ରାଚୀର ଲିଖନ, ପ୍ରଚାରପତ୍ର ବଣ୍ଟନ ଆଦି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା।

ଅଗଷ୍ଟ ୬ତାରିଖ ଦିନ ପୂର୍ବ ଘୋଷିତ ସମୟ ଅନୁଯାୟୀ ଦିବା ୧୧ ଘଟିକା ସମୟରେ ପାର୍ଟିର ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟା କମ୍ରେଡ୍ ଛବି ମହାନ୍ତିଙ୍କ ସଭାପତିତ୍ୱରେ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସଂଗୀତ ଗୋଷ୍ଠୀ ପକ୍ଷରୁ କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଗାନ କରାଯାଇଥିଲା। ଏହାପରେ ସଭାପତି, ମୁଖ୍ୟବକ୍ତା ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟିର ପଲିଟିବ୍ୟୁରୋ ସଭ୍ୟ କମ୍ରେଡ୍ ସ୍ୱପନ ଘୋଷ, ଅନ୍ୟତମ ବକ୍ତା ପାର୍ଟିର ରାଜ୍ୟ କମିଟି ସଂପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଶଙ୍କର ଦାସଗୁପ୍ତ ପାର୍ଟିର ଓଡିଆ ମୁଖପତ୍ର ସର୍ବହରା କ୍ରାନ୍ତିର ସଂପାଦକ ତଥା ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ବିଷ୍ଣୁ ଦାସ ତଥା ପାର୍ଟିର ଗଣସଂଗଠନ ଓ ଶ୍ରେଣୀ ସଂଗଠନ ପକ୍ଷରୁ ମହାନ ନେତାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ଦଳର ବିପ୍ଳବୀ କିଶୋର ଶାଖା କମ୍ସୋମଲ ପକ୍ଷରୁ ମହାନ ନେତାଙ୍କ ଉଦ୍ଦେଶ୍ୟରେ ସମ୍ମାନସୂଚକ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ରାଜ୍ୟରେ ତଥା ଆସାମରେ ଦେଖା ଦେଇଥିବା ବନ୍ୟା ପରିସ୍ଥିତି ଉପରେ ଏକ ପ୍ରସ୍ତାବ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ନିରାକାର ପାଣ୍ଡବ ଆଗତ କରିଥିଲେ ଓ ଏହାର ସମର୍ଥନରେ ବକ୍ତବ୍ୟ ରଖିଥିଲେ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟା କମ୍ରେଡ ସ୍ୱୟଂପ୍ରଭା ନାୟକ। ଦିଲ୍ଲୀର ଛାତ୍ର-ଯୁବ ଆନ୍ଦୋଳନ ଉପରେ ଏକ ପ୍ରସ୍ତାବ ଆଗତ କରିଥିଲେ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ଅଶୋକ ମିଶ୍ର ଓ ଏହାର ସମର୍ଥନରେ ବକ୍ତବ୍ୟ ରଖିଥିଲେ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ବିଶ୍ୱାବସୁ ଦାସ। ଉଭୟ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ମୁଖ୍ୟବକ୍ତା ଦଳର କେନ୍ଦ୍ରୀୟ କମିଟି ପଲିଟିବ୍ୟୁରୋ ସଭ୍ୟ କମ୍ରେଡ୍ ସ୍ୱପନ ଘୋଷ ତାଙ୍କ ଦୀକ୍ଷାନ୍ତ ବକ୍ତବ୍ୟରେ ବର୍ତ୍ତମାନର ପରିସ୍ଥିତିର ପୃଷ୍ଠଭୂମିରେ କମ୍ରେଡ ଶିବଦାସ ଘୋଷଙ୍କ ସ୍ମରଣ ଦିବସର ତାତ୍ପର୍ଯ୍ୟ ଓ କରଣୀୟ କର୍ତ୍ତବ୍ୟ



ସଂପର୍କରେ ଆଲୋକପାତ କରିଥିଲେ(ସଂପୂର୍ଣ୍ଣ ବକ୍ତବ୍ୟ ଅନ୍ୟତ୍ର ଦିଆଯାଇଛି-ସଂପାଦକ ସର୍ବହରା କ୍ରାନ୍ତି)। ଅନ୍ୟତମ ବକ୍ତାଭାବେ ପାର୍ଟିର ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଶଙ୍କର ଦାସଗୁପ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷଣୀୟ ବିଷୟ ଉପରେ ଆଲୋଚନା କରିଥିଲେ।(ସଂପୂର୍ଣ୍ଣ ବକ୍ତବ୍ୟ ସର୍ବହରା କ୍ରାନ୍ତିର ଆଗାମୀ ସଂଖ୍ୟାରେ ପ୍ରକାଶିତ ହେବ-ସଂପାଦକ ସର୍ବହରା କ୍ରାନ୍ତି)। ଶେଷରେ ଆନ୍ତର୍ଜାତିକ ସଂଗୀତ ଓ ସଭାପତିଙ୍କ ଅଭିଭାଷଣ ପରେ ସ୍ମରଣ ସଭାର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

★★★

ଦିଲ୍ଲୀର ଛାତ୍ର – ଯୁବ ଆନ୍ଦୋଳନ ଯେଉଁ ଶିକ୍ଷା ଦେଇଗଲା

ନିଟ – ୟୁଜି ପେପର୍ ଲିକ୍‌କୁ କେନ୍ଦ୍ରକରି ଦିଲ୍ଲୀର ଜନ୍ତର ମନ୍ତର ଠାରେ ମାସାଧିକ କାଳ ଧରି ଚାଲିଥିବା ଛାତ୍ର – ଯୁବକ ମାନଙ୍କର ଗୌରବମୟ ଆନ୍ଦୋଳନ ଯୋଗୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ମାନିବାକୁ କେନ୍ଦ୍ର ସରକାର ବାଧ ହୋଇଛି। ମାତ୍ର ଦୁଇମାସ ପୂର୍ବରୁ କେହିବି ଭାବି ପାରିନଥିଲେ ଯେ ଏହିଭଳି ଏକ ଆନ୍ଦୋଳନ ଦାନା ବାନ୍ଧୁଛି। ସମଗ୍ର ଦେଶର ଆକାଶରେ ଜନସାଧାରଣଙ୍କ ମଧ୍ୟରେ ଗଭୀର ଅସନ୍ତୋଷର ବାଦଲ ବିକ୍ଷିପ୍ତ ଭାବରେ ଘୁରି ବୁଲୁଥିଲା। କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନର ଡାକରା, ଶିକ୍ଷାବିତ୍ ତଥା ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅନଶନ ଫଳରେ ଜନ ଅସନ୍ତୋଷର ସେହି ବିକ୍ଷିପ୍ତ ବାଦଲ ଭୀଷଣ ଝଡ଼ରେ ପରିଣତ ହୋଇ ବିଜେପି ନେତୃତ୍ୱରେ ପରିଚାଳିତ ସରକାରକୁ ନତଜାନୁ ହେବାକୁ ବାଧ କଲା। ଆନ୍ଦୋଳନର ନେତୃବୃନ୍ଦ କିମ୍ବା ଅନଶନ କରୁଥିବା ସୋନମ୍ ୱାଙ୍ଗ ଚୁକ୍ କେହିବି ବୁଝି ପାରିନଥିଲେ ଯେ ଜୀବନର ଜ୍ୱଳନ୍ତ ସମସ୍ୟାକୁ କେନ୍ଦ୍ରକରି ଦେଶର ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପୁଞ୍ଜିଭୂତ ଅସନ୍ତୋଷ ଓ ରୋଷ ଏହି ଆନ୍ଦୋଳନକୁ କେନ୍ଦ୍ରକରି ଆଗ୍ନେୟଗିରି ଭଳି ଫାଟି ପଡିବ। ଆନ୍ଦୋଳନ ଆରମ୍ଭ ହେଲାବେଳେ ମନେ ହେଉଥିଲା ଜନସାଧାରଣ ଯେମିତି ଉଦାସୀନ, ସୁପ୍ତ; ମାତ୍ର ଆନ୍ଦୋଳନ ସେମାନଙ୍କୁ ନୂଆ ମଣିଷରେ ରୂପାନ୍ତରିତ କରିଦେଲା, ସେମାନେ ସୁପ୍ତ ଆଗ୍ନେୟଗିରି ଭଳି ଫାଟି ପଡ଼ିଲେ। କେବଳ ଏତିକି ନୁହେଁ, ଏହି ଆନ୍ଦୋଳନ ଉଦାସୀନ, ସ୍ପୃହାହୀନ ଦିଲ୍ଲୀ ମହାନଗରୀର ସାମାଜିକ, ସାଂସ୍କୃତିକ ପରିବେଶକୁ ସମ୍ପୂର୍ଣ୍ଣ ପରିବର୍ତ୍ତିତ କରିଦେଲା, ଜନ ସାଧାରଣଙ୍କ ଚେତନା, ନୀତି ନୈତିକତାକୁ ଉଚ୍ଚ ସ୍ତରରକୁ ଉନ୍ନୀତ କଲା। ପରସ୍ପରକୁ ଜାଣିନଥିବା ଦେଶର ବିଭିନ୍ନ ପ୍ରାନ୍ତରୁ ଆସି ଅନ୍ଦୋଳନରେ ଯୋଗ ଦେଇଥିବା ହଜାର ହଜାର ଛାତ୍ର ଯୁବକ ମାନଙ୍କର ଜାତି, ଧର୍ମ, ଅଂଚଳ ଓ ଭାଷାଗତ ପରିଚୟକୁ ଅବଲୁପ୍ତ କରି ଏହି ଆନ୍ଦୋଳନ ସେମାନଙ୍କୁ ନୂଆ ପରିଚୟ ଦେଲା– ନ୍ୟାୟ ଯୁଦ୍ଧର ଯୋଦ୍ଧା, ମହାନ୍ ଯୋଦ୍ଧା, ଦୃଢ଼ପ୍ରତିଜ୍ଞ, ଅବିଚଳ ଯୋଦ୍ଧା। ସେମାନେ ଲାଠି, ଗୁଳି ଲୁହବୁହା ଗ୍ୟାସ ଓ ପୋଲିସ ସହିତ ରହିଥିବା ଗୁଣ୍ଡା ମାନଙ୍କ ଆକ୍ରମଣକୁ ସାହସର ସହିତ ମୁକାବିଲା କଲେ। ଏହା ହେଉଛି ସମସ୍ତଙ୍କ ପାଇଁ ଏକ ବିରାଟ ଶିକ୍ଷା। ଏହା ପୁଣି ଥରେ ପ୍ରମାଣ କଲା, ଆନ୍ଦୋଳନ ହେଉଛି ଶିକ୍ଷକ, ଆନ୍ଦୋଳନ ସମସ୍ତଙ୍କୁ ଶିକ୍ଷା ଦିଏ। ନିର୍ବାଚନ ନୁହେଁ, ଆବେଦନ, ନିବେଦନ ନୁହେଁ, ଆନ୍ଦୋଳନ ଓ ଏକମାତ୍ର ଅନ୍ଦୋଳନହିଁ ବିଜେପି ଭଳି ଗୋଟିଏ ଉଦ୍ଧତ, ଜନମତ ପ୍ରତି ଚୂଡ଼ାନ୍ତ ଅବଜ୍ଞା ପ୍ରଦର୍ଶନ କାରୀ, ସୌରାଚାରୀ ଏବଂ ଫାସିଷ୍ଟ ସରକାରକୁ ମୁଣ୍ଡ ନୁଆଁଇବାରେ ବାଧ କରିପାରେ। ଏହି ଅଭୁତପୂର୍ବ ଛାତ୍ରଯୁବ ଆନ୍ଦୋଳନ ଆଖିରେ ଆଙ୍ଗୁଳି ଦେଇ ସମସ୍ତଙ୍କୁ ଦେଖାଇ ଦେଲା, ଦେଶର ବାସ୍ତବ ପରିସ୍ଥିତି କଣ ?

ଏହି ପରିସ୍ଥିତିରେ ବିପ୍ଳବୀ ଯୋଦ୍ଧା ମାନଙ୍କୁ ସଜାଗ ରହିବାକୁ ହେବ, କେତେବେଳେ, କୋଉଠି ଜନ ରୋଷ ଓ ପୁଞ୍ଜିଭୂତ ଅସନ୍ତୋଷ ଯେ ବାଡ଼ବାଗ୍ନୀରେ ପରିଣତ ହେବ ତା' କହିହେବ ନାହିଁ। ଆନ୍ଦୋଳନ ଗଢ଼ି ଉଠିବ ଓ ପ୍ରତ୍ୟେକ ଆନ୍ଦୋଳନ ଭବିଷ୍ୟତର ଆନ୍ଦୋଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ। ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷ ଶିକ୍ଷା ଦେଇଛନ୍ତି ଯେ, ଆନ୍ଦୋଳନ, କେବଳ ଆନ୍ଦୋଳନ ହିଁ ଜନ ସାଧାରଣଙ୍କୁ ଶିକ୍ଷିତ କରିପାରିବ। ଆନ୍ଦୋଳନ ସମୟରେ ଲୋକ ଶୁଣିବାକୁ ଚାହାଁନ୍ତି, ଜାଣିବାକୁ ଚାହାଁନ୍ତି, ସେଥିପାଇଁ ଉପଯୁକ୍ତ ଶିକ୍ଷା ଦେବାପାଇଁ ଏହା ହିଁ ପ୍ରକୃଷ୍ଟ ସମୟ। ସାଧାରଣତଃ ବିକ୍ଷୁବ୍ଧ ଜନସାଧାରଣ ଶାସକ ଦଳ ଓ ସରକାର ବିରୁଦ୍ଧରେ ଆନ୍ଦୋଳନ କରନ୍ତି, ମାତ୍ର ଜନସାଧାରଣ ଜାଣିନଥାନ୍ତି ଯେ ସେମାନଙ୍କର ପ୍ରକୃତ ଶତ୍ରୁ କିଏ। ସେମାନେ ଜାଣନ୍ତି ନାହିଁ, ସରକାର ପଛରେ ରହିଛି ଶାସକ ପୁଞ୍ଜିପତି ଶ୍ରେଣୀ, ପ୍ରଶାସନିକ କଳ, ପୋଲିସ, ମିଲିଟାରୀ, ସମଗ୍ର ରାଷ୍ଟ୍ର ଶକ୍ତି। ମିଲିଟାରୀ, ପୋଲିସ, ବିଚାର ବ୍ୟବସ୍ଥା, ଅମଲାତନ୍ତ୍ର ନିର୍ବାଚିତ ହୁଏନାହିଁ, ଏସବୁ ହେଉଛି ଶାସକ ପୁଞ୍ଜିପତି ଶ୍ରେଣୀ ହାତରେ ସ୍ଥାୟୀ ଶକ୍ତି – ଦମନ ପୀଡନର ସ୍ଥାୟୀ ହତିଆର। ସୁତରାଂ, ଆନ୍ଦୋଳନ ଚାଲିଥିଲା ବେଳେ ହିଁ ଲୋକଙ୍କୁ ବୁଝେଇ ବାକୁ ହେବ, କିଏ ସେମାନଙ୍କର ପ୍ରକୃତ ଶତ୍ରୁ ; ଶାସକ ଦଳ ଓ ସରକାର ନା ପରଦା ଆଢୁଆଳରୁ ଶାସନ ଡୋରି ଧରିଥିବା ଶାସକ ପୁଞ୍ଜିପତି ଶ୍ରେଣୀ।

ସର୍ବହରା ଶ୍ରେଣୀ ନେତୃତ୍ୱରେ ପରିଚାଳିତ ସମାଜ ବିପ୍ଳବ ଜରିଆରେ ପୁଞ୍ଜିପତି ଶ୍ରେଣୀର ଶାସନକୁ ଉଚ୍ଛେଦ କଲେହିଁ ଜନ ସାଧାରଣଙ୍କ ଜୀବନ ଜୀବିକାର ସମସ୍ୟା ଯେ ସମାଧାନ ହେବ ସେକଥା ଆନ୍ଦୋଳନର ଆବର୍ତ୍ତ ମଧ୍ୟରେ ହିଁ ଲୋକଙ୍କୁ ଶିକ୍ଷା ଦେବାକୁ ହେବ। ତା ନହେଲେ ଗୋଟିଏ ଅତ୍ୟାଚାରୀ ସରକାର ପରିବର୍ତ୍ତେ ଆଉ ଗୋଟିଏ ଅତ୍ୟାଚାରୀ ସରକାର କ୍ଷମତାକୁ ଆସିବ। ଏହି ପରିସ୍ଥିତିରେ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା ଅନୁଯାୟୀ ବିପ୍ଳବୀ ସଂଗଠନକୁ ଆନ୍ଦୋଳନରେ ଯୋଗ ଦେବାକୁ ହେବ, ଆନ୍ଦୋଳନର ମଙ୍ଗ ଧରିବାକୁ ହେବ, ଆନ୍ଦୋଳନର ନେତୃତ୍ୱ ଦେବାକୁ ହେବ। ଏହା କରିବାକୁ ହେଲେ ଏକ ବିପ୍ଳବୀ ଦଳର କର୍ମୀମାନଙ୍କୁ ସମସ୍ତ ପ୍ରକାର ଢିଲାଢାଲା ଭାବ ପରିତ୍ୟାଗ କରି, କାମର ଷ୍ଟାଇଲରୁ ଗତାନୁଗତିକତା ଦୂରକରି ନିଜକୁ ଉପଯୁକ୍ତ ଭାବରେ ଗଢିତୋଳିବାକୁ ହେବ, ପ୍ରସ୍ତୁତ ରହିବାକୁ ହେବ।

ଏହା ମଧ୍ୟ କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷା ଯେ ଗଣ ଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମରେ ଲଙ୍ଗ ପ୍ରଦାନ କରି, ଏହି ଆନ୍ଦୋଳନକୁ ପରିଚାଳନା କରି, ଏଥିରେ ନେତୃତ୍ୱ ଦେଇ ହିଁ ବିପ୍ଳବୀ ଦଳର କର୍ମୀମାନେ ବିପ୍ଳବୀ ଚରିତ୍ର ଅର୍ଜନ କରି ପାରିବେ। କେବଳ ଗତାନୁଗତିକ ଧାରାରେ କାମ ଓ ଯାନ୍ତ୍ରିକ ଭାବେ ବହି ପଢି ବିପ୍ଳବୀ ଚରିତ୍ର ଅର୍ଜନ କରାଯାଇ ପାରେନା। ଏହାର ଅର୍ଥ ଏହା ନୁହେଁ ଯେ ନିଷ୍ଠାର ସହିତ ଆଦର୍ଶଗତ ଚର୍ଚ୍ଚା ବ୍ୟତିରକେ ବିପ୍ଳବୀ ଚରିତ୍ର ଅର୍ଜନ କରାଯାଇ ପାରିବ। ବର୍ତ୍ତମାନ, ଛାତ୍ର ଯୁବକମାନଙ୍କ ଭିତରେ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ ଆନ୍ଦୋଳନ ଗଢିତୋଳିବାର ପ୍ରବଳ ଆବେଗ ସୃଷ୍ଟି ହୋଇଛି ଏବଂ ସେମାନେ ଅମିତ ତେଜ ନେଇ ଆନ୍ଦୋଳନର ଅଗ୍ରଭାଗରେ ଅଛନ୍ତି। କିଛିଦିନ ପୂର୍ବରୁ ଦିଲ୍ଲୀ ସିମାରେ ଐତିହାସିକ କୃଷକ ଆନ୍ଦୋଳନ ଏବଂ କିଛି ଦିନ ତଳେ ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ପ୍ରଭୃତି ବିଜେପି ଶାସିତ ଡବଲ ଇଞ୍ଜିନ ରାଜ୍ୟ ମାନଙ୍କରେ ଶ୍ରମିକ ଆନ୍ଦୋଳନ ଫାଟି ପଡିଛି। ନିକଟ ଭବିଷ୍ୟତରେ ମଧ୍ୟ ଆହୁରି ବୃହତ୍ତର ଆନ୍ଦୋଳନ ଗଢିଉଠିବ। ସେଥିନିମିତ୍ତ ବିପ୍ଳବୀ ଦଳର ନେତା, କର୍ମୀ, ସଂଗଠକମାନଙ୍କୁ ସବୁ ଦିଗରୁ ପ୍ରସ୍ତୁତ ରହିବାକୁ ହେବ।

ଏଠାରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ବୁଝିବାକୁ ହେବ; ଶୋଷିତ, ନିର୍ଯାତିତ, ବିକ୍ଷୁବ୍ଧ ଜନସାଧାରଣ ଲଢେଇ କରୁଛନ୍ତି, ମାତ୍ର ସମାଜର କିଭଳି ପରିବର୍ତ୍ତନ ହେବ, କି ଧରଣର ପରିବର୍ତ୍ତନ ହେବ ଏ ସମ୍ପର୍କରେ ସେମାନେ ସଚେତନ ନୁହଁନ୍ତି। କେବଳ ମାତ୍ର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ହିଁ ଜନ ସାଧାରଣଙ୍କୁ ଉପଯୁକ୍ତ ରାସ୍ତା ଦେଖାଇ ପାରିବ। ଏହି ଶିକ୍ଷା ଦେବାକୁ ହେଲେ ପାର୍ଟି କର୍ମୀମାନଙ୍କୁ ଜନସାଧାରଣ ସହିତ ମିଶିବାକୁ ପଡିବ, ନିଜ ଚରିତ୍ର ଓ ଉଚ୍ଚ ମୂଲ୍ୟବୋଧ ଭିତ୍ତିରେ ସେମାନଙ୍କୁ ନିଜର କରିବାକୁ ହେବ। ବହୁ ପୂର୍ବରୁ ହିଁ ଭାରତବର୍ଷର ବାସ୍ତବ ପରିସ୍ଥିତି ସମାଜର ବୈପ୍ଳବିକ ପରିବର୍ତ୍ତନ ପାଇଁ ପରିପକ୍ୱ ହୋଇଛି, ମାତ୍ର ବିପ୍ଳବ ପାଇଁ କେବଳ ଆବଶ୍ୟକ ଉପଯୁକ୍ତ ଶକ୍ତି ସମ୍ପନ୍ନ ଏକ ପ୍ରକୃତ ବିପ୍ଳବୀ ଦଳ। ସେଥିପାଇଁ ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ହାତଗଢ଼ା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳକୁ ସେହି ଶକ୍ତି ଅର୍ଜନ କରିବା ପ୍ରୟୋଜନ ତା' ଶୋଷିତ ଜନସାଧାରଣଙ୍କୁ ବୁଝିବାକୁ ହେବ। ଏହି ଦଳକୁ ଦ୍ରୁତ ଶକ୍ତିଶାଳୀ କରିବା ପ୍ରୟୋଜନ। ତା ନହେଲେ ଦେଶରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ପରିସ୍ଥିତିରେ ପାର୍ଟି ତାର ଐତିହାସିକ ଭୂମିକା ପାଳନ କରିପାରିବ ନାହିଁ।

ଉକ୍ତ ପ୍ରସଙ୍ଗରେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଏକ ଐତିହାସିକ ଆହ୍ୱାନ ପ୍ରଣିଧାନଯୋଗ୍ୟ। ୧୯୭୪ ମସିହା ସେପ୍ଟେମ୍ବର ୨୭ ତାରିଖରେ କଲିକତାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ପ୍ରୟାତ ପଲିଟିବ୍ୟୁରୋ ସଭ୍ୟ କମ୍ରେଡ ସୁବୋଧ ବାନାର୍ଜୀଙ୍କ ଶୋକ ସଭାରେ ସେ କହିଥିଲେ '...ସମାଜରେ ଶ୍ରମିକ–ଚାଷୀ–ଶୋଷିତ ମଣିଷର ବିକ୍ଷୋଭକୁ କେନ୍ଦ୍ର କରି ବିପ୍ଳବ ବାରମ୍ବାର ଢ଼େଉ ପରେ ଢେଉ ଭଙ୍ଗି ଆସିବାକୁ ଚାହିଁବ, ଉତ୍ତାଳ ତରଙ୍ଗ ଭଳି ଫାଟି ପଡ଼ିବାକୁ ଚାହିଁବ। ସମାଜ ଅଭ୍ୟନ୍ତରର ଦ୍ୱନ୍ଦ୍ୱ ଫୁଲି ଫୁଲି ଉଠି ବାରମ୍ବାର କହିବାକୁ ଚାହିଁବ – ଏ ଅବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଚାହେଁ, ମଣିଷର ମଗଜରେ, ମଣିଷ ନିକଟରେ ଆବେଦନ କରିବାକୁ ଚାହିଁବ – ବିପ୍ଳବ ଆମେ ଚାହୁଁ। କିନ୍ତୁ ବିପ୍ଳବ ସେତେଦିନ ହେବନାହିଁ, ବାରମ୍ବାର ସେ ଫେରିଯିବ, ବିପଥଗାମୀ ହୋଇ ଫେରିଯିବ, ତା ଦ୍ୱାରା ବାରମ୍ବାର ପ୍ରତିକ୍ରିୟା ଲାଭବାନ୍ ହେବ – ବିପ୍ଳବ ହେବନାହିଁ, ଯେତେଦିନ ଯାଏ ବିପ୍ଳବକୁ ନେତୃତ୍ୱ ଦେବାର ଉପଯୁକ୍ତ ଶକ୍ତି ନେଇ ବିପ୍ଳବୀ ପାର୍ଟିର ଆବିର୍ଭାବ ହୋଇ ନାହିଁ.....'। ଦିଲ୍ଲୀ ଛାତ୍ର – ଯୁବ ଆନ୍ଦୋଳନର ପ୍ରେକ୍ଷାପଟରେ ଓ ଦେଶର ସାମ୍ପ୍ରତିକ ପରିସ୍ଥିତିରେ କମ୍ରେଡ୍ ଶିବଦାସ ଘୋଷଙ୍କ ଏହି ଉଦ୍ଦାତ୍ତ ଆହ୍ୱାନର ତାତ୍ପର୍ଯ୍ୟକୁ ବୁଝିବାକୁ ହେବ। ଏହା ହିଁ ହେବ ଛାତ୍ର–ଯୁବ ଆନ୍ଦୋଳନର ପ୍ରକୃତ ଶିକ୍ଷା।

★★★

ଏସ୍‌ୟୁସିଆଇ(ସି) କଟକ ଜିଲ୍ଲା ନୂତନ ଅଫିସ ଗୃହ ଉଦ୍‌ଘାଟିତ

ଗତ ଜୁଲାଇ ୨୬ ତାରିଖ ଦିନ ଏସ୍‌ୟୁସିଆଇ(ସି) କଟକ ଜିଲ୍ଲା କମିଟିର ନୂତନ ଅଫିସ ଯୋବ୍ରାଠାରେ ଉଦଘାଟିତ ହୋଇଛି। ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ ରକ୍ତ ପତାକା ଉତ୍ତୋଳନ କରି ଅଫିସ ଗୃହକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ(ସି)ର କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ଦ୍ୱାରିକାନାଥ ରଥ, ଏସ୍‌ୟୁସିଆଇ(ସି) ଓଡ଼ିଶା ରାଜ୍ୟ କମିଟିର ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ଶଙ୍କର ଦାସଗୁପ୍ତ, ସମ୍ପାଦକ ମଣ୍ଡଳୀର ଅନ୍ୟତମ ବରିଷ୍ଠ ସଦସ୍ୟ କମ୍ରେଡ୍ ରଘୁନାଥ ଦାସ, ରାଜ୍ୟ ଅଫିସ ସଂପାଦିକା କମ୍ରେଡ୍ ସ୍ୱୟଂପ୍ରଭା ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ



ଉପସ୍ଥିତ ଥିଲେ।

ପାର୍ଟିର କଟକ ଜିଲ୍ଲା କମିଟିର ସମ୍ପାଦକ ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କମ୍ରେଡ୍ ବିଶ୍ୱାବସୁ ଦାସ ସଭାକୁ ପରିଚାଳନା କରିଥିଲେ। ଏହି ସଭାରେ ପାର୍ଟିର ନେତା ଓ କର୍ମୀମାନଙ୍କ ବ୍ୟତୀତ ବହୁ ବରେଣ୍ୟ ବ୍ୟକ୍ତି, ପାର୍ଟିର ଶୁଭେଚ୍ଛୁ ଓ ଦରଦୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ପ୍ରଫେସର ବୀରେନ୍ଦ୍ର କୁମାର ନାୟକ, ଡକ୍ଟର ଅର୍ଜୁନ ବିଶ୍ୱାଳ, ମହେନ୍ଦ୍ର କାୟସ୍ଥ, ଡକ୍ଟର ସଚ୍ଚିନ୍ଦ୍ର ରାଉଳ, ଡକ୍ଟର ପ୍ରଦୀପ ମହାପାତ୍ର, ଡକ୍ଟର ଦେବାଶିଷ ଆଚାର୍ଯ୍ୟ, ଡକ୍ଟର ରାଜଶ୍ରୀ ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ଦାସ, ଡକ୍ଟର ଅକ୍ଷୟ ଭଦ୍ର, ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି, ସୁକାନ୍ତ ନାୟକ, ଚିତ୍ତରଞ୍ଜନ ମହାନ୍ତି, କ୍ଷୀରୋଦ ରାଉତ, ଜ୍ଞାନରଞ୍ଜନ ନାୟକ, ସୋମା ପଟ୍ଟନାୟକ, ସାମାଜିକ କର୍ମୀ ଜୟଦେବ ଜେନା, ଡଲି ଦାଶ, ଯୁଗଳକିଶୋର ନାୟକ, ରେଣୁକା ମହାନ୍ତି, ଡକ୍ଟର ପଦ୍ମଜା ମିଶ୍ର, ମଞ୍ଜୁଲତା ଜେନା, ଶରତ ସାମଲ, ରେଣୁବାଳା ମହାନ୍ତି, ଶ୍ରମିକ ନେତା ମନୋରଞ୍ଜନ ମହାରଣା, ଡକ୍ଟର ସଞ୍ଜୟ ସ୍ୱାଇଁ, ରଘୁନାଥ ପ୍ରସାଦ ଭଗତ, ନାରାୟଣ ବିଶ୍ୱାଳ, ଶ୍ୟାମସୁନ୍ଦର ଦାସ, ସଚ୍ଚିଦାନନ୍ଦ ସାମଲ, ସାମାଜିକ କର୍ମୀ ବୀଣାପାଣି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଜିଲ୍ଲା କମିଟି ସଦସ୍ୟା କମ୍ରେଡ୍ ବବି ବଳବନ୍ତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ।

★★★

ଭାରତବର୍ଷର ମୁକ୍ତି ...

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ପୋଷ୍ଟ ଗ୍ରାଜୁଏଟ୍ ଅଛନ୍ତି। ଆଜି କୌଣସି କର୍ମସଂସ୍ଥାନ ଲୋକଙ୍କର ନାହିଁ। କାମ ଆଜିଥିଲେ କାଲି ନାହିଁ। ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। କଳ କାରଖାନା ବନ୍ଦ ହୋଇଯାଉଛି। ସରକାରୀ ସଂସ୍ଥାଗୁଡିକୁ ବେସରକାରୀ ମାଲିକମାନଙ୍କ ହାତରେ ଟେକି ଦିଆଯାଉଛି। ଖାଲି କଳ କାରଖାନା ନୁହେଁ। ଦେଶର ସମସ୍ତ ପ୍ରାକୃତିକ ସଂପଦ, ଜମି-ଜଙ୍ଗଲ-ପାହାଡ-ପର୍ବତ- ନଦ ନଦୀ ସବୁକିଛି ମାଲିକ ପୁଞ୍ଜିପତି ଶ୍ରେଣୀ କବ୍‌ଜାରେ। ସେମାନଙ୍କ ସ୍ୱାର୍ଥରେ ଏହି ସଂପଦକୁ ଧ୍ୱଂସ କରାଯାଉଛି। ଓଡ଼ିଶା, ମଧ୍ୟପ୍ରଦେଶ, ଝାରଖଣ୍ଡ, ଛତିଶଗଡ, ଆସାମ, ମଣିପୁର, ମେଘାଳୟ, ତ୍ରିପୁରା ଆଦି ରାଜ୍ୟରେ ଅବାଧରେ ଜଙ୍ଗଲ ଧ୍ୱଂସ ଚାଲିଛି। ଜଙ୍ଗଲ ନିଃଶେଷ ହେବା ଅର୍ଥ, ପ୍ରାକୃତିକ ବିପର୍ଯ୍ୟୟକୁ ଡାକି ଆଣିବା। ଆଜିର ଏହି ପ୍ରଳୟଙ୍କରୀ ବନ୍ୟା ତ ମନୁଷ୍ୟକୃତ। ଆମେ ଆଜି ଚନ୍ଦ୍ରକୁ ଗଲୁଣି। ମଙ୍ଗଳ ଗ୍ରହ ଅଭିଯାନ ଆରମ୍ଭ ହେଲାଣି। ବିଜ୍ଞାନର ଏତେ ଉନ୍ନତି ସତ୍ତ୍ୱେ ବନ୍ୟାର କଣ ପ୍ରତିରୋଧ କରାଯାଇ ପାରେ ନା ? ନଦୀ ଜଳକୁ କଣ ଆମେ କାମରେ ଲଗାଇ ପାରୁନା ? ଏହି ବିଶ୍ୱରେ ତ ଏହା ସମ୍ଭବ ହୋଇଛି। ଚୀନର ମରୁଭୂମିରେ ଆଜି ଫସଲ ଫଳୁଛି। ଆମେ ଶୈଶବରେ ଶୁଣୁଥିଲୁ, ଚୀନର ଦୁଃଖ ହେଉଛି ହ୍ୱାୟାଂ ହୋ ନଦୀ। ଦିନେ ପ୍ରବଳ ବନ୍ୟା ସୃଷ୍ଟି କରୁଥିବା ଏହି ନଦୀର ପାଣିକୁ ଫସଲ ଫଳାଇବା କାମରେ ଲଗାଯାଇ ପାରୁଛି। ମାତ୍ର ଆମ ଦେଶରେ ପ୍ରତିବର୍ଷ ବନ୍ୟା, ଲକ୍ଷ ଲକ୍ଷ ଲୋକ ଗୃହହରା ହେଉଛନ୍ତି। ଏହା କାହିଁକି ହେଉଛି। ପ୍ରକୃତରେ ଆମେ ଏକ ପୁଞ୍ଜିବାଦୀ ବ୍ୟବସ୍ଥାରେ ବାସ କରୁଛୁ। ଏହି ପୁଞ୍ଜିବାଦୀ ଶାସନ ବ୍ୟବସ୍ଥାକୁ ରକ୍ଷା କରୁଛି କିଏ ? ପୁଞ୍ଜିବାଦୀ ରାଷ୍ଟ୍ର ଯନ୍ତ୍ର। ପୋଲିସ୍-ମିଲିଟାରୀ, ବିଚାର ବିଭାଗ, ପ୍ରଶାସନ ଏହି ରାଷ୍ଟ୍ର ବ୍ୟବସ୍ଥାର ଅଂଗ ଭାବେ ଏହି ଶୋଷଣମୂଳକ ବ୍ୟବସ୍ଥାକୁ ବଂଚାଇବାରେ ଯୁକ୍ତ। ପୁଞ୍ଜିବାଦ ମଣିଷର ପ୍ରୟୋଜନ ପୂରଣ କରେନା। ମଣିଷର ସ୍ୱାର୍ଥ ରକ୍ଷା କରେନା। ପୁଞ୍ଜିବାଦ ମୁଷ୍ଟିମେୟ ମାଲିକ ପୁଞ୍ଜିପତି ଶ୍ରେଣୀର ହିଁ ପ୍ରୟୋଜନ ପୂରଣ କରେ, ସେମାନଙ୍କର ସର୍ବୋଚ୍ଚ ମୁନାଫାର ସ୍ୱାର୍ଥ ରକ୍ଷା କରେ। ପୁଞ୍ଜିବାଦ କଣ କେବଳମାତ୍ର ପୁଞ୍ଜିର ଶାସନ ? ପୁଞ୍ଜିବାଦ ମଣିଷ ସମାଜର ସର୍ବକ୍ଷେତ୍ରରେ ପୁଞ୍ଜିର ଶାସନ ପ୍ରତିଷ୍ଠା କରେ। ଏହି ପୁଞ୍ଜିବାଦ ଯୋଗୁ ଶିକ୍ଷା, ମୂଲ୍ୟବୋଧ, ମାନବିକତା, ନୈତିକତା ସବୁକିଛି ଧ୍ୱଂସ ମୁଖରେ। ଆଜକୁ ପ୍ରାୟ ୧୫୦ବର୍ଷ ପୂର୍ବରୁ ମହାନ ଫ୍ରେଡେରିକ୍ ଏଙ୍ଗେଲ୍ସ କହିଥିଲେ, 'ଦାସ ସମାଜରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯେତେ ସମାଜ ବ୍ୟବସ୍ଥା ଆସିଛି, ସଭ୍ୟତାର ସବୁଠାରୁ ବଡ ଶତ୍ରୁ ହେଉଛି ଏହି ପୁଞ୍ଜିବାଦ। ପୁଞ୍ଜିବାଦଠାରୁ ବଡ ଶତ୍ରୁ ମାନବ ସଭ୍ୟତାର ଆଉ କେହି ନାହିଁ।' ସେହି ପୁଞ୍ଜିବାଦୀ ସମାଜରେ, ସେହି ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାରେ ଆମେ ବାସ କରୁ। ଏଠି ନିର୍ବାଚନ ପରେ ନିର୍ବାଚନ ହେଉଛି, କେନ୍ଦ୍ର ଓ ରାଜ୍ୟରେ ସରକାର ମଧ୍ୟ ପରିବର୍ତ୍ତନ ହେଉଛି। ମାତ୍ର ଜନସାଧାରଣଙ୍କ ଦୁର୍ଦ୍ଦଶାପୂର୍ଣ୍ଣ ଅବସ୍ଥାର ପରିବର୍ତ୍ତନ ହେଉଛି କି ? ନିର୍ବାଚନ ଆସୁଛି ଯାଉଛି। ହେଲେ ମଣିଷର ଅବସ୍ଥା ଦିନକୁ ଦିନ ଖରାପରୁ ଖରାପ ହେଉଛି। ଶୋଷଣ ଆହୁରି ଉତ୍କଟ ହେଉଛି। ଆଜି ମଧ୍ୟ ପ୍ରାୟ ୨୩ କୋଟି ଲୋକ ଅନାହାରରେ ରୁହନ୍ତି। ଗରିବ ଲୋକ, ସେ ସହର ହେଉ ବା ଗାଁ ହେଉ, କେଉଁଠି ରୁହନ୍ତି ? ବସ୍ତିରେ। ଏହି କିଛିଦିନ ଧରି ଆମେ ଦେଖୁଛୁ, ଓଡିଶା, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ସରକାର କ୍ଷମତାରେ ବସିବାପରେ କିଭଳି ବୁଲଡୋଜର ଆଣି ବସ୍ତି ଧ୍ୱଂସ କରୁଛି। ଲକ୍ଷ ଲକ୍ଷ ଲୋକ ଆଜି ରାସ୍ତାରେ ବେସାହାରା ହୋଇ ପଡିଛନ୍ତି। ସେମାନେ ପ୍ରତିଶୃତି ଦେଇଥିଲେ ସରକାରକୁ ଆସିବା ପରେ ଲୋକଙ୍କର ସେବା କରିବେ। ଏହା ହିଁ ହେଉଛି ସେମାନଙ୍କର ସେବାର ନମୁନା। ଆଜି ଦେଶରେ ୨୨ଟି ରାଜ୍ୟରେ ବିଜେପିର ଡବଲ ଇଂଞ୍ଜିନ ସରକାର। ତେବେ ପରିସ୍ଥିତି କଣ ଲକ୍ଷ୍ୟ କରୁଛନ୍ତି ? ସାଧାରଣ ମଣିଷର ସମସ୍ୟା କ୍ରମାଗତ ଭାବେ ବଢି ଚାଲିଛି। ଅନ୍ୟପକ୍ଷରେ ସମାଜକୁ ଧ୍ୱଂସ କରିବା ପାଇଁ ବିଜେପିର ଏହି ଡବଲ ଇଂଜିନ ସରକାର ସାଂପ୍ରଦାୟିକତାର ବିଷ ମଣିଷ ମନରେ ଅତି ଚତୁରତାର ସହ ବପନ କରିଛି। ଆଜି ଏହି ବିଷ ବୃକ୍ଷ ଶାଖା ପ୍ରଶାଖା ବିସ୍ତାର କରିଛି। ଧର୍ମ ନାଁରେ ହଣା ହଣି ଚାଲିଛି। ଉଗ୍ର ଧର୍ମାନ୍ଧତାରେ ଗୋଟିଏ ସଂପ୍ରଦାୟକୁ ଆଉ ଏକ ସଂପ୍ରଦାୟ ବିରୁଦ୍ଧରେ ମତାଇ ଦିଆଯାଉଛି। ଏଭଳି ମାନସିକତା ସୃଷ୍ଟି କରାଯାଉଛି, ଯେମିତି କି ଗୋଟିଏ ସଂପ୍ରଦାୟ ଅନ୍ୟ ଏକ ସଂପ୍ରଦାୟର ଶତ୍ରୁ। ସିଧାସଳଖ କହିଲେ ହିନ୍ଦୁ ମୁସଲମାନ ଯେମିତି ଜଣେ ଅନ୍ୟର ଶତ୍ରୁ। ସେମାନଙ୍କୁ ସେହି ଇତିହାସ ଜଣା ଅଛି କି ? ଧର୍ମୀୟ ମହାପୁରୁଷମାନଙ୍କର ଇତିହାସ କଣ ଜଣା ଅଛି ? ଏପରିକି ଆମ ଦେଶର ମାନବତାବାଦକୁ ମଧ୍ୟ ଧ୍ୱଂସ ପଥରେ ନେଇଯାଉଛି। କମ୍ରେଡ୍ ଶିବଦାସ ଘୋଷ କହିଛନ୍ତି, ଗୋଟିଏ ସମୟରେ ସମାଜ ବିକାଶ କ୍ଷେତ୍ରରେ ଧର୍ମର ମଧ୍ୟ ଏକ ଭୂମିକା ଥିଲା। ସମାଜ ମଧ୍ୟରେ ଶୃଙ୍ଖଳାବୋଧ ଆଣିବା, କିଛି ନୀତି-ନୈତିକତା-ମୂଲ୍ୟବୋଧ ଆଣିବା କ୍ଷେତ୍ରରେ ଧର୍ମର ଭୂମିକା ଥିଲା। ଦିନେ ଖ୍ରୀଷ୍ଟ ଧର୍ମ, ଇସଲାମ ଧର୍ମ ଦାସ ପ୍ରଥା ବିରୁଦ୍ଧରେ ଲଢିଛି। ସେତେବେଳେ ଧର୍ମୀୟ ଆଦର୍ଶ ଥିଲା ଶୋଷିତ ମଣିଷର ପ୍ରତିନିଧି। ମାତ୍ର ପରବର୍ତ୍ତୀ ସମୟରେ ଏହି ଧର୍ମ ଶୋଷକ ଶ୍ରେଣୀ ହାତରେ ହତିଆର ହୋଇଗଲା। ଆଜି ଧର୍ମ ପୁଞ୍ଜିବାଦକୁ ରକ୍ଷା କରିବାରେ ଶୋଷକ ଶ୍ରେଣୀ ହାତରେ ଏକ ହତିଆର। ୨୦୧୪ ମସିହାରେ ବିଜେପି କ୍ଷମତାକୁ ଆସିବା ପରେ ସବୁଠାରୁ ମାରାତ୍ମକ କ୍ଷତି ଯାହା କରିଛି, ତା'ହେଲା ଶୋଷିତ ଶ୍ରେଣୀର ଐକ୍ୟକୁ ଧ୍ୱଂସ କରିବା। ଏ କ୍ଷେତ୍ରରେ ସେମାନେ ଅନେକାଂଶରେ ସଫଳ ହୋଇଛନ୍ତି। ଆମେ ଯେଉଁମାନେ ମାର୍କ୍ସବାଦ-ଲେନିନବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାର ଚର୍ଚ୍ଚା କରୁ, ସଭ୍ୟତାର ରକ୍ଷା କରିବାକୁ ଚାହୁଁ, ଯେଉଁମାନେ ମନେକରନ୍ତି, ପୁଞ୍ଜିବାଦ ହେଉଛି ସଭ୍ୟତାର ଶତ୍ରୁ, ଏହି ପୁଞ୍ଜିବାଦକୁ ହଟାଇବାକୁ ହେବ, ସେମାନଙ୍କୁ ସମସ୍ତଙ୍କୁ ଏ ଦିଗଟି ପ୍ରତି ଖୁବ ସଚେତନ ରହିବାକୁ ହେବ। ଶୋଷିତ ମଣିଷର ଐକ୍ୟ କେବଳ ଆମ୍ଭମାନଙ୍କ ପାଇଁ ନୁହେଁ। ସମାଜ-ସଭ୍ୟତା ପାଇଁ, ଏହାର ବିକାଶ ପାଇଁ ପ୍ରୟୋଜନ। ଏହା ଆମକୁ ମନେରଖିବାକୁ ହେବ। ଶୋଷକ ଶ୍ରେଣୀ ନାନା ବିଭ୍ରାନ୍ତି ନାନା ପ୍ରତିଶୃତି, ପ୍ରଲୋଭନ ମାଧ୍ୟମରେ ଶୋଷିତ ଶ୍ରେଣୀକୁ ପ୍ରତାରିତ କରି ତା'ର ଶୋଷଣକୁ ଦୀର୍ଘାୟିତ କରିବା ପାଇଁ ଚାହିଁବ। ମାତ୍ର ସଚେତନ ମଣିଷ ଏହାର ପ୍ରତିରୋଧ କରିବ, ନିଜର ଶକ୍ତି ସଂଚୟ କରିବ। ସେହି ଶକ୍ତି ହେଲା ଜ୍ଞାନ। ସେହି ଶକ୍ତି ହେଲା ମାର୍କ୍ସବାଦ-ଲେନିନବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରା। କେବଳ ସ୍କୁଲ କଲେଜର ପାଠ୍ୟ ପୁସ୍ତକ ନୁହେଁ, ସମାଜ ବିଜ୍ଞାନ, ମାର୍କ୍ସବାଦ-ଲେନିନବାଦ ଆମର ହତିଆର। ଯେଉଁ ଜ୍ଞାନ ନେଇ ଆମେ ଚାଲିଛୁ, ତାହାକୁ ଆଜି ସମାଜ ଭିତରକୁ ନେଇଯିବା ସବୁଠାରୁ ଅଧିକ ଜରୁରୀ।

ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ସେହି ସମାନ କଥା ପ୍ରଜୁଯ୍ୟ। ସମଗ୍ର ବିଶ୍ୱରେ ଆଜି ଯୁଦ୍ଧ ପରିସ୍ଥିତି। ଏହାର ଶିରୋମଣି କିଏ ? ଆମେରିକା ସାମ୍ରାଜ୍ୟବାଦ। ମିଥ୍ୟା ଯୁକ୍ତି ଆଳରେ ଇରାକରୁ ଲିବିଆ, ଗୋଟିଏ ପରେ ଗୋଟିଏ ଦେଶ ଦଖଲ କରୁଛି। ସେ ଦେଶର କଂଚାମାଲ ଓ ଶ୍ରମଜୀବୀ ମଣିଷକୁ ଶୋଷଣ କରୁଛି। ଭେନିଜୁଏଲାର ରାଷ୍ଟ୍ରପତିଙ୍କୁ ନିଜ ପତ୍ନୀଙ୍କ ସହିତ ନିଜ ଶୋଇବା ଘରୁ ରାତି ୨ଟାରେ ମିଲିଟାରି ପଠେଇ ଉଠାଇ ନେଇଗଲା। ଆମେରିକା ମଦତରେ ଇସ୍ରାଏଲ ଗାଜାକୁ ଧ୍ୱଂସ ସ୍ତୁପରେ ପରିଣତ କରିଛି। ଆଜି ଇସ୍ରାଏଲ ଆମେରିକା ମିଳିତ ଭାବେ ଇରାନ ଆକ୍ରମଣ କରୁଛି। ସମଗ୍ର ବିଶ୍ୱରେ ଆଜି ଏହି ଅବସ୍ଥା। ସେପଟେ ଋଷ ୟୁକ୍ରେନ ଯୁଦ୍ଧ। ଏହି ଯୁଦ୍ଧ କାହିଁକି ? ଯୁଦ୍ଧର ଏକ ଉଦ୍ଦେଶ୍ୟ ଅଛି, ପ୍ରୟୋଜନ ଅଛି ତା'ହେଲା ପୁଞ୍ଜିପତିମାନଙ୍କର ବଜାର ଦଖଲ। ସେସବୁ ଦେଶରେ ମଧ୍ୟ ଜନଗଣ ବିକ୍ଷୋଭ ଆନ୍ଦୋଳନ ଗଢିତୋଳୁଛନ୍ତି। ମଣିଷ ମଧ୍ୟରେ ପ୍ରବଳ ଅସନ୍ତୋଷ। ଆଜି ପୁଞ୍ଜିବାଦୀ ଅର୍ଥନୀତି ହେଉଛି ମିଲିଟାରୀ ଅର୍ଥନୀତି। ଅସ୍ତ୍ର ତିଆରି ଓ ଅସ୍ତ୍ର ବିକ୍ରି ଉପରେ ସମଗ୍ର ଅର୍ଥନୀତି ଠିଆ ହୋଇଛି। ମଣିଷର କ୍ରୟ କ୍ଷମତା ନିଶ୍ଚିହ୍ନ ପ୍ରାୟ। ଏ ହେଉଛି ଜାତୀୟ ଆନ୍ତର୍ଜାତିକ ଅବସ୍ଥା। ଏଭଳି ଅବସ୍ଥା ଦିନେ ନଥିଲା। ସଂପୂର୍ଣ୍ଣଭାବେ ଏଭଳି ନଥିଲା। ୧୯୧୭ ମସିହାରେ ମହାନ ଲେନିନ୍ ଷ୍ଟାଲିନଙ୍କ ନେତୃତ୍ୱରେ ଋଷିଆରେ ସମାଜତାନ୍ତ୍ରିକ ବିପ୍ଳବ ପରେ ଶ୍ରମଜୀବୀ ମଣିଷ ଏକ ନୂତନ ସଭ୍ୟତା ଦେଖିଥିଲା। ଯେଉଁଠି ବେକାର କେହି ନଥିଲେ, ଯେଉଁଠି ମଣିଷର ପ୍ରୟୋଜନରେ ଉତ୍ପାଦନ ହେଉଥିଲା। ଯେଉଁଠି ଶୋଷିତ ମଣିଷର ସ୍ୱାଧୀନତା ଥିଲା। ସମଗ୍ର ବିଶ୍ୱକୁ ଦିନେ ଏହି ସୋଭିଏତ୍ ସମାଜତନ୍ତ୍ର ରାସ୍ତା ଦେଖାଇଥିଲା। ଏକମାତ୍ର ସୋଭିଏତ୍ ଋଷ ଇତିହାସରେ ପ୍ରଥମ ଦେହ ବ୍ୟବସାୟ ବନ୍ଦ କରିଥିଲା। ମାନବତାବାଦ ଦାବି ଉଠାଇଥିବା ନାରୀ ସ୍ୱାଧୀନତା ପୁଞ୍ଜିବାଦ ଦେଇପାରି ନାହିଁ। ଦେଇପାରିଥିଲା ସୋଭିଏତ୍ ସମାଜତନ୍ତ୍ର। ଆମ ଦେଶର ମହାମନିଷୀ ରବୀନ୍ଦ୍ର ନାଥ, ଶରତଚନ୍ଦ୍ର, ନଜରୁଲ, ବିଦେଶର ଜର୍ଜ ବର୍ଣ୍ଣାଡ୍ ସ ଙ୍କ ଭଳି ବହୁ ମହାମନିଷୀ ସୋଭିଏତ୍ ସମାଜତନ୍ତ୍ରର ଭୂୟସୀ ପ୍ରଶଂସା କରିଥିଲା। ରବୀନ୍ଦ୍ରନାଥ କହିଛନ୍ତି - 'ମୁଁ ଏଠାକୁ ନ ଆସିଥିଲେ ସ୍ୱର୍ଗ ଦେଖି ପାରିନଥାନ୍ତି।' ଆଜି କିନ୍ତୁ ସେ ଦେଶର ମଣିଷ କାନ୍ଦୁଛି। ଗୋଟିଏ ଜେନେରେସନ ପୁଞ୍ଜିବାଦର ଚେହେରା ଦେଖିନାହିଁ, ଆଜି ଦେଖୁଛି। ପୁଣି ସେଠି ଗଢିଉଠୁଛି ଆନ୍ଦୋଳନ। ଦେଶେ ଦେଶେ ଆନ୍ଦୋଳନ।

ଆମ ଦେଶରେ ଭାରତବର୍ଷର ସ୍ୱାଧୀନତା ସମୟରେ କମ୍ୟୁନିଷ୍ଟ ପାର୍ଟି ନାଁରେ ଗୋଟିଏ ପାର୍ଟିଥିଲା। ପାର୍ଟି ବି ବଡ ଥିଲା। ଆନ୍ତର୍ଜାତିକ ସ୍ୱୀକୃତି ଥିଲା। ସେହି ଅବସ୍ଥାରେ କମ୍ରେଡ୍ ଶିବଦାସ ଘୋଷ ବିଚାର କରିଛନ୍ତି, ଏହି ପାର୍ଟିଟା ଆଦୌ କମ୍ୟୁନିଷ୍ଟ ପାର୍ଟି ନୁହେଁ। ଏକ ନୂତନ ଧରଣର ପାର୍ଟି ଗଢିତୋଳିବାକୁ ହେବ। କମ୍ରେଡ୍ ଶିବଦାସ ଘୋଷ ସ୍ୱାଧୀନତା ସଂଗ୍ରାମରେ ଜଣେ ସ୍ୱେଚ୍ଛାସେବକ ଭାବେ ଯୋଗ ଦେଇଥିଲେ। ନେତା ନଥିଲେ। ଜଣେ ସାଧାରଣ ସ୍ୱେଚ୍ଛାସେବକ। ଅଳ୍ପ ବୟସର ଜଣେ ତରୁଣ କହୁଛନ୍ତି- ଏକ ନୂତନ ପାର୍ଟି ତିଆରି କରିବାକୁ ହେବ। ଏକ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ତିଆରି କରିବାକୁ ହେବ। ନହେଲେ ମୁକ୍ତି ନାହିଁ। ସ୍ୱାଧୀନତା ଆସୁଛି। କିନ୍ତୁ ସେହି ସ୍ୱାଧୀନତାର ଫଳ ପୁଞ୍ଜିପତି ଶ୍ରେଣୀ ହାତକୁ ଚାଲିଯିବ। ଶୋଷିତ ମଣିଷ କିଛି ପାଇବ ନାହିଁ। ଆଜି ଆମେ ଅଭିଜ୍ଞତାରୁ ସେକଥା ବୁଝୁଛୁ। କିନ୍ତୁ ସେଦିନ କମ୍ରେଡ ଶିବଦାସ ଘୋଷ ମାର୍କ୍ସବାଦୀ ବିଜ୍ଞାନର ପ୍ରଜ୍ଞା ଓ ଜ୍ଞାନ ଦ୍ୱାରା, ସଂଗ୍ରାମ ଦ୍ୱାରା ଏକଥା ବୁଝିଥିଲେ। ଏ ସ୍ୱାଧୀନତା ପ୍ରକୃତ ଗଣ ମୁକ୍ତି ଆଣି ପାରିବନାହିଁ। ପୁଣି ଏକ ନୂତତ ଧରଣର ଲଢେଇ ଆରମ୍ଭ କରିବାକୁ ହେବ। ମୁଷ୍ଟିମେୟ କେତେଜଣ ସହଯୋଦ୍ଧାଙ୍କୁ ନେଇ ସେହି ଲଢେଇ ସେ ଆରମ୍ଭ କଲେ। ସେହି ସହଯୋଦ୍ଧାମାନଙ୍କୁ ମଧ୍ୟ କେହି ଚିହ୍ନି ନଥିଲେ। କମ୍ରେଡ୍ ଶିବଦାସ ଘୋଷ, କମ୍ରେଡ୍ ନୀହାର ମୁଖାର୍ଜୀ, କମ୍ରେଡ୍ ସଚୀନ ବାନାର୍ଜୀ, କମ୍ରେଡ୍ ପ୍ରିତିଶ ଚନ୍ଦ, କମ୍ରେଡ ହିରେନ ସରକାର, ହାତଗଣତି କେତେ ଜଣ। କମ୍ରେଡ ଶିବଦାସ ଘୋଷଙ୍କୁ ସମସ୍ତେ କହିଛନ୍ତି ; ଇଏ ଏକ ପାଗଳ, ଏତେବଡ ଏକ ବିଶାଳ ଦେଶରେ ଏହା କଣ ସମ୍ଭବ। କେତେ ରଥୀ ହାରିଗଲେ। ତୁମେମାନେ କଣ ପାରିବ ? କମ୍ରେଡ୍ ଶିବଦାସ ଘୋଷ ସେଦିନ ଯେଉଁ କଥା କହିଥିଲେ, ଆଜି ମଧ୍ୟ ଆମେ ସେକଥା ସ୍ମରଣ କରୁ। କହିଥିଲେ ତା'ହେଲେ ମୁଁ କ'ଣ କରିବି ? ବୁଝିଛ ତ ଏହା ଭୁଲ ପଥ, ଏହା ସଠିକ ପଥ ନୁହେଁ। ଏ ପଥରେ ମଣିଷର ମୁକ୍ତି ଆସିବ ନାହିଁ। ମୁଁ ତ ଦଲାଲି କରିପାରେ ନା। ହୁଏତ ମୁଁ ମରିଯାଇପାରେ। କିନ୍ତୁ ଭାବବି ଭାରତବର୍ଷର ବିପ୍ଳବର ପ୍ରୟୋଜନରେ ଏହି ମୃତ୍ୟୁ ଆବଶ୍ୟକ ଥିଲା। ଶୋଷିତ ମଣିଷର ମୁକ୍ତି ପାଇଁ ଏହି ମୃତ୍ୟୁ ମଧ୍ୟ ପ୍ରୟୋଜନ ଥିଲା। ପରବର୍ତ୍ତୀ ସମୟରେ ଯେଉଁମାନେ ଆସିବେ, ସେମାନେ ଏହାରି ଉପରେ ଇମାରତ ତିଆରି କରିବେ। କହିଥିଲେ, ଗୋଟିଏ ଇଟା ତ ରଖି ଦେଇଯାଇ ପାରିବି। ରହିବାର ଜାଗା ନାହିଁ, ଗୋଟେ ଅଫିସ ନାହିଁ, ଖାଇବାର କିଛି ବ୍ୟବସ୍ଥା ନାହିଁ। ଉତ୍ସାହ ଦେବାପାଇଁ ବି କେହି ନାହିଁ। ମାତ୍ର କେତେଜଣ ସହଯୋଦ୍ଧା। ଦିନପରେ ଦିନ ଖାଇବାକୁ ମିଳୁନଥିଲା। କଲିକତାର କୋଲେ ମାର୍କେଟ, ଯେଉଁଠି ରାତିରେ ପନିପରିବା ବ୍ୟବସାୟୀମାନେ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

ଭାରତବର୍ଷର ମୁକ୍ତି ...

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ଶୁଅନ୍ତି, ସେହି ଜାଗାରେ ହିଁ ଦିନ ବିତିଛି। ପଇସା ନାହିଁ, ଟ୍ରାମରେ ଚଢିବା ପାଇଁ ବି ପଇସା ନଥିଲା। ସେମାନେ ଚାଲି ଚାଲି ବିଭିନ୍ନ ଅଂଚଳକୁ ଯାଇଥିଲେ। ପିନ୍ଧିବାକୁ ହଳେ ଜାମା ପ୍ୟାଣ୍ଟ ମଧ୍ୟ ନଥିଲା। ଏହିଭଳି ଅବସ୍ଥାରେ କହୁଛନ୍ତି, ଏକ ନୂତନ ପାର୍ଟି ତିଆରି କରିବାକୁ ହେବ। ସେହି ୧୯୭୫ ମସିହାରେ ପଶ୍ଚିମବଙ୍ଗର ସିଉଡିରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରବଳ ପ୍ରତିକୂଳ ପରିସ୍ଥିତି, ବର୍ଷାରେ ପ୍ୟାଣ୍ଡଲ ଭାଙ୍ଗି ଯାଇଛି। ପ୍ରତିନିଧି ଅଧିବେଶନ ସ୍ଥାନରେ ପାଣି ଭର୍ତ୍ତି। ଅନେକେ କହୁଥିଲେ, ଏହି ସମ୍ମିଳନୀ ବନ୍ଦ କରିଦେବା ଦରକାର, ଏତେ ଅସୁବିଧା! କମ୍ରେଡ୍ ଶିବଦାସ ଘୋଷଙ୍କ କାନରେ ଏକଥା ପଡିଲା। ସେ ଦୁଃଖରେ କହିଥିଲେ, ମୋର ବୟସ ବେଶୀ ହୋଇ ନାହିଁ। ଏହି ପାର୍ଟି ଗଢିବାକୁ ଯାଇ ମୁଁ ଆଜି ଅସୁସ୍ଥ। ଏକ ପ୍ରତିକୂଳ ପରିସ୍ଥିତିକୁ କିଭଳି ଏକ ଅନୁକୂଳ ପରିସ୍ଥିତିରେ ପରିଣତ କରାଯାଇପାରେ ତା' ତ ଜଣେ ବିପ୍ଳବୀକୁ ଶିଖିବାକୁ ହୁଏ। ତା'ନହେଲେ ଆମେ ବିପ୍ଳବ କରିପାରିବୁ ନାହିଁ। ତା'ପରେ ଭିଏତନାମର ଜଙ୍ଗଲରେ ବିପ୍ଳବୀମାନେ କିଭଳି ଲଢିଥିଲେ ସେହି ଉଦାହରଣ ଦେଇଥିଲେ। କମ୍ରେଡ ଶିବଦାସ ଘୋଷଙ୍କ ଜୀବିତାବସ୍ଥାରେ ଆମ ଦଳର ଅନ୍ୟତମ ପଲିଟିବ୍ୟୁରୋ ସଦସ୍ୟ କମ୍ରେଡ ସୁବୋଧ ବାନାର୍ଜୀଙ୍କ ଖୁବ ଅସୁସ୍ଥ ଅବସ୍ଥାରେ କଲିକତାର ମହାଜାତି ସଦନରେ ଏକ ଶିକ୍ଷାଶିବିର ଚାଲୁଥିଲା। ଏଭଳି ଅସୁସ୍ଥ ଅବସ୍ଥାରେ ଶିକ୍ଷାଶିବିର ବନ୍ଦ କରିଦେବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା। ସେ ରାଜି ହୋଇନଥିଲେ। ଶିକ୍ଷାଶିବିରର ଦ୍ୱିତୀୟ ଦିନରେ କମ୍ରେଡ୍ ସୁବୋଧ ବାନାର୍ଜୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। କମ୍ରେଡ ସୁବିଧ ବାନାର୍ଜୀଙ୍କ ସ୍ମରଣ ସଭାରେ କମ୍ରେଡ୍ ଶିବଦାସ ଘୋଷ ଯା' କହିଥିଲେ, ତା ଆମ ପାଇଁ ମୂଲ୍ୟବାନ ଶିକ୍ଷା। ସେ କହିଥିଲେ ରାଜନୀତି ଏକ ଉଚ୍ଚ ହୃଦୟବୃତ୍ତି। ବିପ୍ଳବୀ ରାଜନୀତି ହେଉଛି ଉଚ୍ଚତର ହୃଦୟବୃତ୍ତି। ଏହା ଯେମିତି ଗୋଟିଏ ଦିଗରେ କୋମଳ, ଏହାରି ମଧ୍ୟରେ ରହିଛି ପୁଣି କଠୋର ବାସ୍ତବତା। କଠୋର ନିୟମାନୁବର୍ତ୍ତିତା, କଠୋର ଏବଂ କଠିନ କର୍ତ୍ତବ୍ୟ ପରାୟଣତା। ଗଭୀର ଶୋକ ସମୟ, ଏକ କଠିନ ପରିସ୍ଥିତି, ଏକ ବିପଦ ସମୟକୁ କେଉଁ ଦୃଷ୍ଟିଭଙ୍ଗୀରେ ଦେଖିବା ଦରକାର। ସେ ସଂପର୍କରେ କହୁଛନ୍ତି, ଯେଉଁ କାରଣରୁ ବ୍ୟଥା ପାଇଲି, ଯେଉଁ କାରଣରୁ ମୋର ଏହି ଦୁଃଖ, କଷ୍ଟ, ତା' ମୋତେ ଜୀବନରେ କଣ କରିବାକୁ କୁହେ ? ଏହା ନହେଲେ ଏହି ସ୍ମରଣ ସଭାର କୌଣସି ଅର୍ଥ ନାହିଁ। ଏହା ହିଁ ତାଙ୍କର ଶିକ୍ଷା। ସେଥିପାଇଁ ତ କହୁଛନ୍ତି, ସର୍ବସ୍ୱ ଦେଇ ଏହି ପାର୍ଟି କରିବାକୁ ଯାଇ ମୁଁ ଅସୁସ୍ଥ, ମୋର ବୟସ ବେଶୀ ହୋଇନାହିଁ। ତୁମେ ଯେ ପ୍ରକୃତ ବିପ୍ଳବୀ, ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଯେ ଏକ ଯଥାର୍ଥ ବିପ୍ଳବୀ ଦଳ, ତା ଲୋକେ ଚିହ୍ନିବେ କିପରି ? ତୁମର ସାଇନବୋର୍ଡ ଦେଖି ? ସାଇନବୋର୍ଡ ଛଡା ତୁମକୁ ଚିହ୍ନିପାରିବେ ନାହିଁ ? ଦଳର ଆଦର୍ଶ ସଠିକ କି ନୁହେଁ ତାହା ଦଳର ନେତା, କର୍ମୀ, ସମର୍ଥକ, ଦରଦୀଙ୍କ ବ୍ୟକ୍ତିଗତ ଜୀବନ, ରାଜନୈତିକ ବ୍ୟବହାର ଏବଂ ଆଚାର ଆଚରଣ ମଧ୍ୟରେ ଜନଗଣ ଦେଖିବେ।

କମ୍ରେଡ୍ସ, ରାଜନୀତି କ୍ଷେତ୍ରରେ ନୀତି ନୈତିକତା ମୂଲ୍ୟବୋଧ ଆଜି ଏସ୍ୟୁସିଆଇ(କମ୍ୟୁନିଷ୍ଟ) ବ୍ୟତୀତ ଜନଗଣଙ୍କୁ ଆଉ କେହି ଦେଇପାରେନା। ଏହା କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା। ରାଜନୈତିକ ଆନ୍ଦୋଳନ ଉଚ୍ଚ ସଂସ୍କୃତି ଛଡା ହୋଇପାରେନା। ପାର୍ଟି ତ ବିପ୍ଳବ କରିବ ନାହିଁ। ବିପ୍ଳବ କରିବେ ଜନଗଣ। ପାର୍ଟି ହେଉଛି ଅଗ୍ରଗାମୀ ବାହିନୀ। ତା'ହେଲେ ତୁମ ସଂସ୍ପର୍ଶରେ ଆସି, ଏକ ବିପ୍ଳବୀ ରାଜନୈତିକ ଦଳ ସଂସ୍ପର୍ଶରେ ଆସି ଜନଗଣଙ୍କର ପରିବର୍ତ୍ତନ ହେବ। ସେମାନେ ସମାଜ ପ୍ରତି ସେମାନଙ୍କର ଦାୟବଦ୍ଧତା ଶିଖିବେ। ଗୋଟିଏ ସମୟରେ ଯେତେବେଳେ ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନ ଚାଲୁଥିଲା, ସେତେବେଳେ ଜୀବନ ଦେବାପାଇଁ ଯେମିତି ପ୍ରତିଯୋଗିତା ଚାଲୁଥିଲା। ମାତ୍ର ପୁଞ୍ଜିବାଦ ଆସି ସବୁ ଧ୍ୱଂସ କରିଦେଇଛି। ପୁଞ୍ଜିବାଦୀ ବ୍ୟବସ୍ଥା ଆମକୁ ଚରମ ସ୍ୱାର୍ଥପର କରିଦେଇଛି। ସମାଜ ପାଇଁ ଆମର ଆଉ ଭାବନା ଚିନ୍ତା ନାହିଁ। ଦେଶ ପାଇଁ, ଶୋଷିତ ଜନଗଣଙ୍କ ପାଇଁ ଆଉ କୌଣସି ଭାବନା ନାହିଁ। କହୁଛନ୍ତି, ରାଜନୀତି ଏକ ହୃଦୟବୃତ୍ତି। ଯେଉଁମାନେ ରାଜନୀତି କରନ୍ତି, ସେମାନଙ୍କ ନିକଟରୁ ହୃଦୟବୃତ୍ତି ଆଶା କରାଯାଏ। ଉନ୍ନତ ରାଜନୀତି ତୁମ ଉଚ୍ଚ ସଂସ୍କୃତି ମଧ୍ୟରେ ପ୍ରତିଫଳିତ ହୁଏ।

ତା'ହେଲେ ଯାହାଙ୍କର କିଛି ନଥିଲା, ରହିବାର ଜାଗା ନଥିଲା, କୌଣସି ବନ୍ଧୁ ବାନ୍ଧବ ନଥିଲେ, ଅବିଭକ୍ତ ଭାରତର ଢାକାରୁ ଆସିଥିବା ଜଣେ ତରୁଣ ଯାହାଙ୍କ କୌଣସି ଆତ୍ମିୟ ପରିଜନ ନାହିଁ, କୌଣସି ପ୍ରଚାର ନଥିଲା, ପାର୍ଟି କରିପାରିବ କି ନାହିଁ ତାର କୌଣସି ନିଶ୍ଚିୟତା ନାହିଁ। ସେଦିନ ଥିଲା ଏଭଳି ଅବସ୍ଥା, ଆଜି ଏହି ପାର୍ଟି ଏକ ବିଶାଳ ପାର୍ଟି। ଏହା ଠିକ୍ ଭାରତବର୍ଷର ବିପ୍ଳବର ପ୍ରୟୋଜନ ତୁଳନାରେ ଅନେକ କମ। କିନ୍ତୁ ଦେଖନ୍ତୁ, ଯେଉଁ ପାର୍ଟିଗୁଡିକ ଦିନେ ବିଶାଳ ବିଶାଳ ପାର୍ଟି ଥିଲେ, ଯେଉଁମାନଙ୍କର ପ୍ରଚୁର ବ୍ୟାକିଂ ଥିଲା, ସେମାନଙ୍କର ଅବସ୍ଥା ଆଜି କ'ଣ ? ସେହି ସିପିଆଇର ଆଜି ପରିଣତି କ'ଣ ? ସେମାନଙ୍କୁ କ'ଣ କେହି ସାଧାରଣ ଜନତା ବିପ୍ଳବୀ ପାର୍ଟି ହିସାବରେ ଭାବନ୍ତି ? ନା, ସେମାନେ ନିଜେ ମଧ୍ୟ ଭାବନ୍ତି ନାହିଁ ଯେ ସେମାନେ ଏକ ବିପ୍ଳବୀ ପାର୍ଟି। ବିପ୍ଳବ ଛାଡି ଦିଅନ୍ତୁ, ବାମପନ୍ଥୀ ବୋଲି ବି କୁହନ୍ତି ନାହିଁ। ତେଣୁ ନକଲି ବାମପନ୍ଥୀ କଥାଟି ଚାଲୁ ହୋଇଛି। ବାମପନ୍ଥୀ ମଧ୍ୟରେ ବି ନକଲି। ଏଭଳି ଅବସ୍ଥା। ଆରଏସ୍ପି ଦିନେ ବିଶାଳ ପାର୍ଟି ଥିଲା। ଆଜି ଖୋଜି ପାଇବେ ନାହିଁ। ଲେନିନଙ୍କ ପାର୍ଟି ନାମରେ ବଲସେଭିକ ପାର୍ଟି ଥିଲା। ଆଜି ଜଣେ ଦୁଇଜଣ ନେତାଙ୍କୁ ଦେଖିବାକୁ ପାଇବେ ଯାହା। ଆଉ ଆମ ପାର୍ଟି, ଆଜି ୨୫ଟି ରାଜ୍ୟରେ ଏହି ସ୍ମରଣ ସଭା କରିପାରିଛି। କାହା ପ୍ରଭାବରେ ? ଆଦର୍ଶ ତାହା ହିଁ ଆମର ମୂଳ ସମ୍ବଳ। କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ବ୍ୟତୀତ ଆମେ ପାଦେ ମଧ୍ୟ ଆଗେଇ ପାରିବୁ ନାହିଁ। କାରଣ ମାର୍କ୍ସବାଦ-ଲେନିନବାଦକୁ ଆହୁରି ବିକଶିତ ସମୃଦ୍ଧ କରି ସେ ମାର୍କ୍ସବାଦୀ ଜ୍ଞାନ ଭଣ୍ଡାରରେ ନୂତନ ସଂଯୋଜନ କରିଛନ୍ତି। ଫାସିବାଦ କ'ଣ ? ଏହି ଫାସିବାଦର ତତ୍ତ୍ୱଗତ ଦିଗ ସେ ବ୍ୟାଖ୍ୟା କରିଯାଇଛନ୍ତି। କମ୍ରେଡ ଶିବଦାସ ଘୋଷଙ୍କର ରାଜନୀତି ଅର୍ଥାତ୍ ମାର୍କ୍ସବାଦ-ଲେନିନବାଦ-କମ୍ରେଡ୍ ଶିବଦାସ ଘୋଷଙ୍କର ଚିନ୍ତା ଶିକ୍ଷା ଆମର ଗଣଆନ୍ଦୋଳନ କ୍ଷେତ୍ରରେ ସଂଗଠନ କ୍ଷେତ୍ରରେ, ରୁଚି-ସଂସ୍କୃତି କ୍ଷେତ୍ରରେ, ଜ୍ଞାନ ବିଜ୍ଞାନ କ୍ଷେତ୍ରରେ, ଜୀବନର ପ୍ରତିଟି କ୍ଷେତ୍ରରେ ଆମକୁ ସଚେତନ ଭାବେ ପ୍ରୟୋଗ କରିବାକୁ ହେବ। ସମଗ୍ର ବିଶ୍ୱରେ ଭାରତରେ ଆଜି ଯେଉଁ ଗଣଆନ୍ଦୋଳନର ପରିବେଶ, ସେଠି କୌଣସି ନେତୃତ୍ୱ ନାହିଁ, ଯଥାର୍ଥ ନେତୃତ୍ୱ ନାହିଁ, ସ୍ୱୋରାଡିକ୍ ଆନ୍ଦୋଳନ, ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ। କମ୍ରେଡ୍ ଶିବଦାସ ଘୋଷଙ୍କ ଚାଷୀ ଆନ୍ଦୋଳନ ସଂପର୍କିତ ଏକ ଆଲୋଚନାରେ ଅଛି, ରାଷ୍ଟ୍ର ଏହିସବୁ ଆନ୍ଦୋଳନକୁ ଭୟ କରେନା। ସଂଗଠିତ ଶକ୍ତିକୁ ଭୟ କରେ। ସଂଗଠିତ ଶକ୍ତି ଆଉ ସଠିକ ରାଜନୈତିକ ଲାଇନ ଯଦି ଥାଏ, ତାହାକୁ ହିଁ ଭୟ କରେ ରାଷ୍ଟ୍ର ଶକ୍ତି। ଏହି ସ୍ୱୋରାଡିକ ଆନ୍ଦୋଳନ ପଛରେ ଯେତେ ଜନସମର୍ଥନ ଥାଉ, ତାକୁ ଭୟ କରେନା। ସେଥିପାଇଁ ଆନ୍ଦୋଳନ ଯେଉଁଠି ହୁଏ, ଆମେ ସେଠି ଥାଉ। ଜନଗଣ ଯେଉଁଠି ଆନ୍ଦୋଳନରେ ଅଛନ୍ତି, ଆମେ ସେଠି ଥାଉ। କାରଣ ଆମକୁ ସେହି ଆନ୍ଦୋଳନ ମଧ୍ୟକୁ ସଠିକ୍ ରାସ୍ତା ନେଇଯିବାକୁ ହେବ। ତା' ନହେଲେ ସେଗୁଡିକ ଭୁଲ ପଥରେ ଚାଲିଯିବ। ଯେତେବେଳେ ଆନ୍ଦୋଳନ ମାଡ ଖାଇବ, ମଣିଷ ହତାଶ ହେବ, ଅସଫଳ ହେବେ, ସେତେବେଳେ ଲୋକଙ୍କ ମଧ୍ୟରେ ପୁଣି ଏକ ଆନ୍ଦୋଳନ ବିମୁଖ ମାନସିକତା ସୃଷ୍ଟି ହେବ। ତେଣୁ ଖାଲି ଆଜି ନୁହେଁ, ଅତୀତରେ ବି ଆମର ଯେତିକି ଶକ୍ତିଥିଲା, ସେହି ଶକ୍ତି ନେଇ ଆମେ ଆନ୍ଦୋଳନରେ ସାମିଲ ହୋଇଛୁ। ସର୍ବଶକ୍ତି ଦେଇ ଆନ୍ଦୋଳନରେ ଯୋଗ ଦେଇଛୁ। କିନ୍ତୁ ସେହି ଆନ୍ଦୋଳନଗୁଡିକ ବେଶୀ ଦୂର ଆଗେଇ ପାରିନାହିଁ। ଫଳରେ ଆନ୍ଦୋଳନ ହେଉଛି, କିନ୍ତୁ ନେତୃତ୍ୱ ନାହିଁ। ଆମେ ଯୌଥ ଆନ୍ଦୋଳନ ଚାହୁଁ, ବ୍ୟାପକ ଯୌଥ ଆନ୍ଦୋଳନ ପାଇଁ ଆମେ ଏକନିଷ୍ଠ ଭାବେ ଚେଷ୍ଟାକରୁ। ଆଜି ମଧ୍ୟ କରୁ। କିନ୍ତୁ ଆମେ ଚାହିଁଲେ ତ ହେବ ନାହିଁ। ଯେଉଁମାନେ ବାମପନ୍ଥୀ ଦଳ, ସେମାନଙ୍କୁ ତ ବାମପନ୍ଥୀ ଲାଇନରେ ଆସିବାକୁ ହେବ। ଖାଲି ନିର୍ବାଚନୀ ସୁବିଧା ପାଇଁ, କେତେଟା ସିଟ୍ ପାଇବା ପାଇଁ ସେମାନେ ବିଭିନ୍ନ ସମୟରେ ଦକ୍ଷିଣପନ୍ଥୀ ଦଳମାନଙ୍କ ସହିତ ମେଣ୍ଟ କରନ୍ତି। ସେମାନଙ୍କୁ ସଠିକ ରାସ୍ତାରେ ଆସିବାକୁ ହେବ। ତା'ହେଲେ ପୁଣି ଐକ୍ୟବଦ୍ଧ ଆନ୍ଦୋଳନ ଗଢିଉଠିବ। ବାମଗଣତାନ୍ତ୍ରିକ ଶକ୍ତିଗୁଡିକ ସହିତ ଆନ୍ଦୋଳନର ଐକ୍ୟ ଗଢିତୋଳିବାକୁ ହେବ।

କମ୍ରେଡ୍ ଶିବଦାସ ଘୋଷ ୫୦ବଷ ପୂର୍ବେ ୧୯୭୪ ମସିହାରେ ହିଁ କହୁଛନ୍ତି, ଭାରତବର୍ଷରେ ବିପ୍ଳବର ଜମି ପ୍ରସ୍ତୁତ। ସେହି ସମୟରେ କହୁଛନ୍ତି, ବିପ୍ଳବ ପାଇଁ ଯାହା ଯାହା ଦରକାର, ଦେଶର ଜନଗଣ, ଶୋଷିତ ମଣିଷର ମୁକ୍ତି ପାଇଁ ଯାହା ଯାହା ପ୍ରୟୋଜନ, ସମସ୍ତ କିଛି ମହଜୁଦ ଅଛି। କିନ୍ତୁ ନାହିଁ ବିପ୍ଳବ ପାଇଁ ଆବଶ୍ୟକ ଏକ ସଠିକ୍ ବିପ୍ଳବୀ ପାର୍ଟିର ଉପଯୁକ୍ତ ଶକ୍ତି। ସେହି ଶକ୍ତି ଆମର ଅର୍ଜନ କରିବା ପ୍ରୟୋଜନ। କହୁଛନ୍ତି, ଆପଣମାନେ ଯଦି ସେହି ଶକ୍ତି ୫ବର୍ଷ ମଧ୍ୟରେ ଅର୍ଜନ କରିପାରନ୍ତି, ବିପ୍ଳବ ୫ବର୍ଷ ମଧ୍ୟରେ ସଂପନ୍ନ ହେବ। ଯଦି ୧୦ବର୍ଷ ଆପଣଙ୍କୁ ସମୟ ଲାଗେ, ତା'ହେଲେ ବିପ୍ଳବ ୧୦ବର୍ଷ ଅପେକ୍ଷା କରିବ। କିନ୍ତୁ ଆମର ଶକ୍ତି ଉପରେ ହିଁ ବିପ୍ଳବ ନିର୍ଭର କରିବ। ଏହି ଶିକ୍ଷା ସେ ଦେଇଯାଇଛନ୍ତି। ସେଥିପାଇଁ କମ୍ରେଡ, ମୁଁ ଶେଷରେ ଗୋଟିଏ କଥା କହିବି, କମ୍ରେଡ୍ ଶିବଦାସ ଘୋଷଙ୍କୁ ଭଲଭାବେ ଜାଣିବାକୁ ହେବ। କମ୍ରେଡ୍ ଶିବଦାସ ଘୋଷ ହେଉଛନ୍ତି ଆମର ବିପ୍ଳବର ପ୍ରାଣ ପୁରୁଷ। ତଦାନୀନ୍ତନ କେନ୍ଦ୍ରୀୟ କମିଟିର ଏକ ବକ୍ତବ୍ୟ ଉଲ୍ଲେଖ କରି ମୋର ବକ୍ତବ୍ୟ ଶେଷ କରିବି। କମ୍ରେଡ ଶିବଦାସ ଘୋଷ ଶେଷନିଃଶ୍ୱାସ ତ୍ୟାଗ କରିବା ପରେ କେନ୍ଦ୍ରୀୟ କମିଟିର ଶ୍ରଦ୍ଧାର୍ଘ୍ୟରେ ଯେଉଁମାନେ କମ୍ରେଡ୍ ଶିବଦାସ ଘୋଷଙ୍କ ସହିତ ମିଶି ପାର୍ଟିକୁ ଗଢିତୋଳିଥିଲେ କମ୍ରେଡ ନୀହାର ମୁଖାର୍ଜୀ ଓ ଅନ୍ୟ କେନ୍ଦ୍ରୀୟ କମିଟି ଶ୍ରଦ୍ଧାର୍ଘ୍ୟରେ କହୁଛନ୍ତି, 'ତୁମର ମୂଲ୍ୟାୟନ କରିବା ଆମ ପକ୍ଷରେ ଖୁବ କଠିନ'। ଶିବଦାସ ଘୋଷଙ୍କର ସହଯୋଦ୍ଧାମାନେ ସଭ୍ୟମାନେ ହିଁ କହୁଛନ୍ତି ତୁମର ମୂଲ୍ୟାୟନ କରିବା ଖୁବ କଠିନ। ତୁମେ ଜ୍ଞାନର ଏମିତି ଏକ ପର୍ଯ୍ୟାୟରେ ଅଛ, ଆମେ ତାଙ୍କ ତୁଳନାରେ ଅତ୍ୟନ୍ତ ତଳ ସ୍ତରରେ ଅଛୁ। ତାଙ୍କର ଜ୍ଞାନ, ପ୍ରଜ୍ଞା ଏବଂ ବିପ୍ଳବୀ ସଂଗ୍ରାମ ତୁଳନାରେ ଆମେ ବହୁ ପଛରେ ଅଛୁ। ଆମକୁ ସତ୍ୟ ବିଚାର କରିବାକୁ ହେବ। ଆମର ଶିଖିବା ପାଇଁ, ନିଜକୁ ପରିବର୍ତ୍ତନ କରିବା ପାଇଁ, ଆମର ସଂଗଠନ ଗଢିତୋଳିବା ପାଇଁ, ଗଣଆନ୍ଦୋଳନ ଗଢିତୋଳିବା ପାଇଁ ଆମକୁ କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାର ଚର୍ଚ୍ଚା କରିବାକୁ ହେବ। ସାମାନ୍ୟ ଜ୍ଞାନ ଅର୍ଜନ କରିପାରିଛୁ, ପ୍ରୟୋଜନ ତୁଳନାରେ ଆମେ ଅନେକ ପଛରେ ଅଛୁ। ସାମଗ୍ରିକଭାବରେ କହିବାକୁ ଗଲେ ଆମେ ଅନେକ ପଛରେ ଅଛୁ। କମ୍ରେଡ ଶିବଦାସ ଘୋଷଙ୍କୁ ଭଲଭାବେ ଚିହ୍ନି ନପାରିଲେ ଆମେ ଭାରତବର୍ଷର ବିପ୍ଳବକୁ ଚିହ୍ନିପାରିବୁ ନାହିଁ। ଶିବଦାସ ଘୋଷ ଭାରତବର୍ଷର ମୁକ୍ତି ଆନ୍ଦୋଳନର ପ୍ରାଣ ପୁରୁଷ ଏବଂ ପଥକୃତ। ଆମେ ସମସ୍ତେ ମିଶି ଆଜିର ପ୍ରୟୋଜନକୁ ଆଖି ଆଗରେ ରଖି ଆମେ ତାଙ୍କର ଶିକ୍ଷାଗୁଡିକୁ ଚର୍ଚ୍ଚା କରିବା କ୍ଷେତ୍ରରେ ଆହୁରି ଅଧିକ ଆତ୍ମନିୟୋଗ କରିପାରୁ। ଏହା ହିଁ ହେଉଛି ଏହି ସ୍ମରଣ ସଭାର ଏକମାତ୍ର ଉଦ୍ଦେଶ୍ୟ। ତା' ଯଦି ଆମେ କରିପାରୁ, କମ୍ରେଡ ଶିବଦାସ ଘୋଷଙ୍କ ସ୍ମରଣକୁ ଯଦି ଆମେ ସଠିକ ଦୃଷ୍ଟିଭଙ୍ଗୀରେ ଦେଖିପାରୁ, ତେବେ ଆମେ କମ୍ରେଡ୍ ଶିବଦାସ ଘୋଷଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ନିବେଦନ କରିପାରିବୁ।

ଏହି କଥା କହି ମୁଁ ମୋର ବକ୍ତବ୍ୟ ଶେଷ କରୁଛି।

କମ୍ରେଡ୍ ଶିବଦାସ ଘୋଷ
ଲାଲ ସଲାମ

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 30 • ମୂଲ୍ୟ-୫ଟଙ୍କା

କଟକରେ 'ସ୍ୱାଧୀନତା ସଂଗ୍ରାମରେ କମ୍ରେଡ ଶିବଦାସ ଘୋଷଙ୍କ ଭୂମିକା ଓ ସ୍ୱାଧୀନୋତ୍ତର ଭାରତବର୍ଷରେ ତାଙ୍କର ସଂଗ୍ରାମ' ଶୀର୍ଷକ ଆଲୋଚନା ସଭା





ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ ତଥା ଏସ୍‌ୟୁସିଆଇ(ସି)ର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ କମ୍ରେଡ ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁବାର୍ଷିକ ଉପଲକ୍ଷେ ଏସ୍‌ୟୁସିଆଇ(ସି) କଟକ ଜିଲ୍ଲା କାର୍ଯ୍ୟାଳୟରେ ଅଗଷ୍ଟ ୯ ତାରିଖ ଦିନ 'ସ୍ୱାଧୀନତା ସଂଗ୍ରାମରେ କମ୍ରେଡ ଶିବଦାସ ଘୋଷଙ୍କ ଭୂମିକା ଓ ସ୍ୱାଧୀନୋତ୍ତର ଭାରତବର୍ଷରେ ତାଙ୍କର ସଂଗ୍ରାମ' ଶୀର୍ଷକ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁସିଆଇ(ସି) ରାଜ୍ୟକମିଟି ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ଶଙ୍କର ଦାସଗୁପ୍ତ ଆଲୋଚନା ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କମ୍ରେଡ ବିଶ୍ୱାବସୁ ଦାସ ସଭା ପରିଚାଳନା କରିଥିଲେ। ଏହି ଆଲୋଚନା ସଭାରେ ପାର୍ଟିର ନେତା ଓ କର୍ମୀମାନଙ୍କ ବ୍ୟତୀତ କଟକ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

★★★

କମ୍ରେଡ କାଳିଚରଣ ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ମୟୁରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ସଙ୍ଗଠକ କମ୍ରେଡ କାଳୀଚରଣ ବେହେରା ୬୮ ବର୍ଷ ବୟସରେ ଦୁରାରୋଗ୍ୟ ଅନ୍ତନଳୀ ସଂକ୍ରମଣ ରୋଗରେ ପୀଡ଼ିତ ହୋଇ ଗତ ୨ ଅଗଷ୍ଟ ଦିନ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। କମ୍ରେଡ୍ ବେହେରାଙ୍କ ମୃତ୍ୟୁରେ ଆଜି ତାଙ୍କ ଗ୍ରାମ ବିଶୋଇ ବ୍ଲକ୍‌ର ବନେଇକଳାଠାରେ ପାର୍ଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କମ୍ରେଡ୍ ବେହେରା ୧୯୮୭ ମସିହାରୁ ପାର୍ଟିର ଦୃଢ଼ ସମର୍ଥକ ଓ ଜଣେ ଆବେଦନକାରୀ ସଭ୍ୟ ଭାବେ ପାର୍ଟି ନେତୃତ୍ୱରେ ସଙ୍ଗଠିତ ବିଭିନ୍ନ ଗଣ ଆନ୍ଦୋଳନରେ ଅଂଶ ଗ୍ରହଣ କରିବାସହ ସଙ୍ଗଠନର ବହୁ ଜିଲ୍ଲା, ରାଜ୍ୟ ଓ ସର୍ବଭାରତୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଆସୁଥିଲେ। ବହୁ ଝଡ଼ଝଞ୍ଝା ଭିତରେ ସେ ପାର୍ଟି ସହିତ ଦୃଢ଼ ଭାବରେ ରହିଆସିଥିଲେ ଓ ନିଜର ପୁତ୍ର ଓ ଭାଇମାନଙ୍କୁ ପାର୍ଟି ସହିତ ରହିବାକୁ ଉତ୍ସାହିତ କରି ଆସୁଥିଲେ। ବନେଇକଳାଠାରେ ତାଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ପୂର୍ବତନ ବିଧାୟକ କମ୍ରେଡ୍ ଶମ୍ଭୁନଥ ନାଏକ, ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ରାଜେନ୍ଦ୍ର ବର୍ମା, ବିଶୋଇ ବ୍ଲକ ସମ୍ପାଦକ କମ୍ରେଡ୍ ଶୈଳ ନାଏକ, ଜିଲ୍ଲା କମିଟି ସଦସ୍ୟ ଲଳିତ ମହାନ୍ତ, ମଧୁସୁଦନ ନାଏକ, ସୁଶିଲ ମହାକୁଡ଼ ଗୋବିନ୍ଦ ନାଏକ, ଅବସର ପ୍ରାପ୍ତ ଶିକ୍ଷକ ମୀନକେତନ ନାୟକ ଓ କମ୍ରେଡ କାଳୀଚରଣଙ୍କ ପୁତ୍ର ଚନ୍ଦ୍ରଶେଖର ବେହେରା ପ୍ରମୁଖ ବହୁ ପାର୍ଟି ନେତା, ସମର୍ଥକ ଓ କର୍ମୀ ତାଙ୍କ ଫଟୋରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

କମ୍ରେଡ କାଳୀଚରଣ ବେହେରା
ଲାଲ ସଲାମ

ଏସ୍‌ଇଏମ୍ - ପଞ୍ଚାଳକ ମାନଙ୍କ ବିଧାନସଭା ଘେରାଉ



ଅଗଷ୍ଟ ୧୦ ତାରିଖ ଓଡିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ନେତୃତ୍ୱରେ ପଂଚାୟତ ନଳକୂପ ମିସ୍ତ୍ରୀ(ଏସ୍‌ଇଏମ୍) ଓ ପମ୍ପ ଚାଳକ ମାନଙ୍କର ବିକ୍ଷୋଭ ଲୋୟର ଭୁବନେଶ୍ୱର ପିଏମ୍‌ଜି ଛକଠାରେ ପ୍ରଦର୍ଶନ କରାଯାଇଛି।

ଗ୍ରାମାଂଚଳରେ ପାନୀୟ ଜଳଯୋଗାଣ ବ୍ୟବସ୍ଥାରେ ନିୟୋଜିତ ଏସ୍‌ଇଏମ୍ ତଥା ନଳକୂପ ମିସ୍ତ୍ରୀ ଓ ପମ୍ପ ଚାଳକମାନଙ୍କୁ ସର୍ବନିମ୍ନ ମଜୁରୀ, ଜଳ ଯୋଗାଣ କର୍ମଚାରୀର ମାନ୍ୟତା ପ୍ରଦାନ, ଦୁର୍ଘଟଣାରେ ଅକାଳ ମୃତ୍ୟୁବରଣ କରିଥିବା କାର୍ଯ୍ୟରତ ଏସ୍‌ଇଏମ୍ ପରିବାରକୁ ଅନ୍ୟୁନ ଦଶ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ, ଅବସର ନେଉଥିବା ଏସ୍‌ଇଏମ୍‌ଙ୍କୁ ଗ୍ରାଚ୍ୟୁଇଟି ଓ ପେନ୍‌ସନ୍ ପ୍ରଦାନ ଏବଂ ଅବସର ବୟସ ସୀମା ୬୦ ରୁ ୬୫ ବର୍ଷକୁ ବୃଦ୍ଧି କରିବା ଦାବିରେ ଓଡିଶା ରାଜ୍ୟମିଳିତ ସ୍ୱାବଲମ୍ବୀ କାରିଗର ସଂଘ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ପ୍ରଦୀପ୍ତ ରାମ, ଉପ ସଭାପତି ଚିନ୍ତାମଣି ପଟ୍ଟନାୟକ, ସମ୍ପାଦକ ଜିତେନ୍ଦ୍ର ବଳବନ୍ତରାୟ, ସହ ସମ୍ପାଦକ ସିମାଂଚଳ ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ ଆୟୋଜିତ ପ୍ରତିବାଦ ଏଆଇୟୁଟିୟୁସି ରାଜ୍ୟ କମିଟି ସଦସ୍ୟ ଅଶୋକ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭ ସ୍ଥଳରୁ ସଂଘର ସଭାପତି ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଏକ ପାଂଚଜଣିଆ ପ୍ରତିନିଧି ମଣ୍ଡଳୀ ପାନୀୟ ଜଳଯୋଗାଣ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଏଆଇୟୁଟିୟୁସି ରାଜ୍ୟ ସଂପାଦକ ଜୟସେନ ମେହେର ଆନ୍ଦୋଳନକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏହି ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଏସ୍‌ଇଏମ୍ ନେତା ସର୍ବଶ୍ରୀ ଲଳିତ ମହାପାତ୍ର, ବିଶ୍ୱଜିତ୍ ମହାନ୍ତି, ପ୍ରକାଶ ନାହାକ, ପଙ୍କଜ ବେହେରା, ଟୁନା ନାହକ, ଚନ୍ଦ୍ରଶେଖର ହେମ୍ବ୍ରମ, ସୁନିଲ୍ ମହାନ୍ତ, ହିମାଂଶୁ ପାତ୍ର, ସାଧୁ ସେଣ୍ଠ, ଦାଶରଥୀ ମଲ୍ଲିକ, ଚନ୍ଦ୍ରବିନ୍ଦୁ ବିହାରୀ, ମଦନମୋହନ ଗିରି ପ୍ରମୁଖ ନେତୃତ୍ୱ ନେଇଥିଲେ।

★★★

ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଓ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା ଦେବା ଦାବିରେ ଏଆଇଡିଏସ୍‌ଓର ବିକ୍ଷୋଭ



ଗତ ଜୁଲାଇ ୧୩ ତାରିଖରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଅବିଳମ୍ବେ ଆରମ୍ଭ କରିବା, ତୁରନ୍ତ ଛାତ୍ର ବିରୋଧୀ ଆଦର୍ଶ ଆଚରଣ ସଂହିତା ପ୍ରତ୍ୟାହାର କରିବା ଓ କ୍ୟାମ୍ପସ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା ଦେବା ଦାବିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା।

ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା ସଭାପତି କମ୍ରେଡ ନିମାଇଁ ଚରଣ ସାହୁ, ସମ୍ପାଦକ କମ୍ରେଡ ନାରାୟଣ ସାହୁ, ଉପସଭାପତି କମ୍ରେଡ ପପୁନ ସାହୁ, କୋଷାଧକ୍ଷ କମ୍ରେଡ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା କମ୍ରେଡ ଶୁଭସ୍ମିତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

ବନ୍ୟା ଦୁର୍ଗତ ଅଂଚଳରେ ସ୍ୱାସ୍ଥ୍ୟ ଶିବିର



ମେଡିକାଲ ସର୍ଭିସ ସେଣ୍ଟର, ରାଜ୍ୟ କମିଟି ଉଦ୍ୟୋଗରେ ଗତ ଅଗଷ୍ଟ ୨ ତାରିଖ ଦିନ ବାଲେଶ୍ୱରର ସବୁଠାରୁ କ୍ଷତିଗ୍ରସ୍ତ ବନ୍ୟା ପ୍ରପୀଡ଼ିତ ଅଂଚଳ କଷିମିଳା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏକ ନିଃଶୁଳ୍କ ମେଡିକାଲ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଚଳିତ ମାସ ଲଗାଣ ବର୍ଷା ଓ ବନ୍ୟା ଫଳରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ସହରର ବସ୍ତି ଅଂଚଳ ଗୁଡିକ ଜଳ ମଗ୍ନ ହେବା ସହିତ ବ୍ୟାପକ କ୍ଷୟ କ୍ଷତି ହୋଇ ଲୋକମାନେ ନାହିଁ ନଥିବା ସମସ୍ୟା ଭୋଗିବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ଲୋକମାନେ ଆକ୍ରାନ୍ତ ହେଉଥିବା ବିଭିନ୍ନ ଜଳବାହି ରୋଗର ଆଶୁ ଚିକିତ୍ସା ପାଇଁ ଏହି ମେଡିକାଲ କ୍ୟାମ୍ପ କରାଯାଇଥିଲା। ମେଡିକାଲ ସର୍ଭିସ ସେଣ୍ଟର ରାଜ୍ୟ ସମ୍ପାଦକ ଡାକ୍ତର ପ୍ରାଞ୍ଜ ଅନିର୍ବାଣ, ଉପସଭାପତି ଡାକ୍ତର ସଞ୍ଜୟ ମଲିକ, ଡାକ୍ତର ସଂଗ୍ରାମ ବ୍ରହ୍ମ, ଡାକ୍ତର ସୋଏବ ଅଲ୍ଲୀ ସମେତ ୧୦ ଜଣ ଡାକ୍ତର ଏବଂ ଫାର୍ମାସିଷ୍ଟ ଏଥିରେ ଯୋଗ ଦେଇ ରୋଗୀମାନଙ୍କ ଚିକିତ୍ସା କରିଥିଲେ। କଷିମିଳା, କେଶପୁର ତଥା ଅକ୍ତିୟାରପୁର ଗ୍ରାମ ସମେତ ପାଖାପାଖି ଅଂଚଳରୁ ପ୍ରାୟ ୨୦୦ ରୁ ଅଧିକ ରୋଗୀଙ୍କୁ ଏହି କ୍ୟାମ୍ପରେ ଚିକିତ୍ସା କରାଯାଇଥିଲା। କଷିମିଳା ଗ୍ରାମର ବିଶିଷ୍ଟ ବ୍ୟକ୍ତି ଶ୍ରୀଯୁକ୍ତ ଅଜୁ ସ୍ୱାଇଁ, ସୁଦର୍ଶନ ବେହେରା, କାର୍ତ୍ତିକ ବେହେରାଙ୍କ ସମେତ ଅନେକ ଗ୍ରାମବାସୀ ତଥା ୱାଡ ମେମ୍ବର ଓ ଛାତ୍ରଛାତ୍ରୀମାନଙ୍କ ପୂର୍ଣ୍ଣ ସହାୟତାରେ ଏହି କ୍ୟାମ୍ପଟି ସୁଚାରୁ ରୂପେ ପରିଚାଳିତ ହୋଇଯାଇଛି। ★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das